## ସଂକ୍ଷେପରେ

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ଭାଜପାର ବିରୋଧ

ଆସିକା,୧୮।୭(ଡି.ଏନ.ଏ.): ରାଜ୍ୟରେ ବିଦ୍ୟୁତ ଦରବୃଦ୍ଧି ଓ ବାରମ୍ବାର ବିଦ୍ୟୁତ୍‌କାଟର ପ୍ରତିବାଦରେ ରବିବାର ସନ୍ଧ୍ୟାରେ ଘୁମୁସର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆସିକା ସହରରେ କ୍ୟାଣ୍ଡେଲ ମାର୍ଚ୍ଚ ହୋଇଥିଲା । ଆସିକା ବସଷ୍ଟାଣ୍ଡରୁ ଭାଜପା ନେତା ଓ କର୍ମୀମାନେ ବାହାରି ହାଟପଦା ପାର୍କ ଠାରେ ପହଞ୍ଚିଥିଲେ। ଘୁମୁସର ଜିଲା ଯୁବ ମୋର୍ଚ୍ଚା ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କାଯ୍ୟକ୍ରମରେ ଜିଲା ସଭାପତି ଗୋକୁଳାନନ୍ଦ ମଲିକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ମଧୁସ୍ମିତା ପୋଲାଇ, ଭାଜପା ନେତ୍ରୀ ଅନିତା ପ୍ରିୟଦର୍ଶିନୀ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଯୁବ ମୋର୍ଚ୍ଚା ରାଜ୍ୟ ସଂପାଦକ ସିଦ୍ଧାର୍ଥ ଗଙ୍ଗଦେବ, ନିଳମଣି ବିଷୋୟୀ, ଅରୁଣ ପଣ୍ଡା, ପ୍ରତାପ କୁମାର ନାୟକଙ୍କ ସମେତ ବହୁ ବ୍ୟକ୍ତି ସାମିଲ ଥିଲେ ।

### ବ୍ଲକ ବିଜେଡି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିଗୁଡ଼ା,୧୮।୭(ଡି.ଏନ.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କନ୍ଧମାଳ ଜିଲା ବିଜେଡି ବ୍ଲକ ସଭାପତିମାନଙ୍କ ନାମ ଘୋଷଣା କରିଛନ୍ତି। ସେଥିରେ ବାଲିଗୁଡ଼ା ବ୍ଲକ ସଭାପତି ଟୁନା ଦାସ ଓ ତୁମୁଡ଼ିବନ୍ଧ ବ୍ଲକ ସଭାପତି ପ୍ରମୋଦ କୁମାର ସାହୁ ପୁଣି ଥରେ ମନୋନୀତ ହୋଇଛନ୍ତି। ଏ ନେଇ ବାଲିଗୁଡ଼ା ନଗର ପକ୍ଷରୁ ବ୍ଲକ ବିଜେଡି ସଭାପତି ଟୁନା ଓ ପ୍ରମୋଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ମୁଖ୍ୟମନ୍ତ୍ରୀ, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଓ କନ୍ଧମାଳ ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣଙ୍କୁ ମଧ କୃତଜ୍ଞତା ଜଣାଇଛନ୍ତି। ବାଲିଗୁଡ଼ା ବିଜେଡି କାର୍ଯ୍ୟାଳୟରେ ଅୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏନ୍‌ଏସି ବିଧାୟକ ପ୍ରତିନିଧି ଅବନିକାନ୍ତ ନାୟକ, ବାଲିଗୁଡ଼ା ନଗର ସଭାପତି ସୁଜିତ କୁମାର ପାଳ, କୁମର ଦଣ୍ଡିଆ, ଦିଲ୍ଲୀପ ବେହେରା, ମନୋରଞ୍ଜନ ନାୟକ, ବରଦା ପ୍ରସାଦ ମିଶ୍ର, ପଦ୍ମନାଭ ପାଣିଗ୍ରାହୀଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ରତ୍ନେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ, ଖୁଦୁଡ଼ି ଚାମ୍ପିୟନ

ଚିକିଟି,୧୮।୭(ଡି.ଏନ.ଏ.): କେ.ନୂଆଗାଁଠାରେ ଚାଲିଥିବା ଜୟ ମା ରତ୍ନେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଚିକିଟି ସହ ଖୁଦୁଡ଼ି ଦଳର ମୁକାବିଲା ହୋଇଥିଲା। ନିର୍ଦ୍ଧାରିତ ୧୪ ଓଭରରେ ଚିକିଟି ୫୫ ରନ କରି ଅଲଆଉଟ ହୋଇଥିଲା ବେଳେ ଖୁଦୁଡ଼ି ୬ ଓଭରରେ ୩ ଉଇକେଟ ବିନିମୟରେ ୫୬ ରନ କରି ଚାମ୍ପିୟନ ହୋଇଛି। ଅମୁଲ୍ୟ ମେନ ଅଫ୍ ଦି ମ୍ୟାଚ, ଗଦା ମେନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ବିଜୟ କୁମାର ଗୌଡ଼ ଧାରା ବିବରଣୀ ଦେଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ସେଠି ଏବଂ ଜଗନ୍ନାଥ ପ୍ରଧାନ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ବିଜୟୀ ଦଳକୁ ଦୀପ୍ତି ପ୍ରଧାନ ଏବଂ ହେମନ୍ତ ପ୍ରଧାନଙ୍କ କରକମଳରେ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବାଲ୍ମୀକି ପ୍ରଧାନଙ୍କ ଦ୍ୱାରା ଚିକିଟି ଦଳକୁ ରନର୍ସ ଟ୍ରଫି ଦିଆଯାଇଥିଲା। ସନ୍ତୋଷ, ମହେନ୍ଦ୍ର, ଧନୀ, ପପୁନ, ରାଜା, ଲିଟୁ, ସହଦେବ, ସଞ୍ଜୟ, ଜେ. କାଳିଆ, ଶିବ ସମେତ ଗ୍ରାମବାସୀ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା କରିଥିଲେ।

### ଭୁବନେଶ୍ୱରରୁ ଧରାପଡ଼ିଲେ ଲୁଟେରା

ବ୍ରହ୍ମପୁର ଅଫିସ,୧୮।୭: ଗୋଷାଣୀ ନୂଆଗାଁ ଥାନା ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ କାବୁ କରିଛି। ଭୁବନେଶ୍ୱରରୁ ତାଙ୍କୁ ଧରିବା ପରେ ରବିବାର ସନ୍ଧ୍ୟାରେ ବ୍ରହ୍ମପୁର ଆଣି ଥାନାରେ ପଚରାଉଚୁରା କରାଯାଉଛି। ସେ ୫୦ରୁ ଅଧିକ ମୋବାଇଲ ଚୋରିରେ ସଂପୃକ୍ତ ଥିବା ସୂଚନା ମିଳିଛି। ବ୍ରହ୍ମପୁର ସହରରେ ବିଶେଷକରି ପରିବାବଜାର ଓ ଜନଗହଳିପୂର୍ଣ୍ଣ ସ୍ଥାନରୁ କିଛିଦିନ ହେଲା ମୋବାଇଲ ଚୋରି ହେଉଛି। ବାରମ୍ବାର ଅଭିଯୋଗ ପରେ ପୋଲିସ ଏହି ଲୁଟେରାଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଥିଲା। ଚୋରି ମୋବାଇଲଗୁଡ଼ିକର ଆଇଏମଇଆଇକୁ ଟ୍ରାକିଂ କରି ଲୁଟେରା ନିକଟରେ ପହଞ୍ଚିବାକୁ ଚେଷ୍ଟା କରାଯାଇଥିଲା। ସେହିକ୍ରମରେ ଗୋଷାଇଁ ନୂଆଗାଁ ଥାନା ପୋଲିସ ଭୁବନେଶ୍ୱରରୁ ଜଣେ ଲୁଟେରାଙ୍କୁ ଉଠାଇ ଆଣିଛି।

# ବିବାଦ ଘେରରେ ବାଳ ଅପରାଧୀଙ୍କ ସୁଧାର ଗୃହ

ବ୍ରହ୍ମପୁର ଅଫିସ,୧୮।୭

ବାଳ ଅପରାଧୀଙ୍କୁ ସୁଧାରିବା ପାଇଁ ଉଦ୍ଦିଷ୍ଟ ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହ (ବାଳକ) ଏବେ ବିବାଦ ଘେରକୁ ଆସିଛି। କେତେବେଳେ ଏହା ଭିତରୁ ଅନ୍ତେବାସୀଙ୍କୁ ନିର୍ଯାତନା ଅଭିଯୋଗ ଆସିଛି ତ ଆଉ କେତେବେଳେ କର୍ମଚାରୀଙ୍କ ଲାଞ୍ଚୁଆ ମନୋଭାବ ଦୃଷ୍ଟିକୁ ଆସିଛି। ୧୮ ବର୍ଷରୁ କମ୍ ବୟସର ନାବାଳକମାନେ କୌଣସି ଅପରାଧ ଘଟାଇବା ପରେ କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସେମାନଙ୍କୁ ଜରଡା ବଙ୍ଗଳା ନିକଟରେ ଥିବା ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହରେ ରଖାଯାଉଛି। ସେଠାରେ ଉଭୟ ବିଚାରାଧୀନ ବାଳ ଅପରାଧୀ ଓ ଦୋଷୀ ସାବ୍ୟସ୍ତ ବାଳ ଅପରାଧୀଙ୍କୁ ରଖିବାର ବ୍ୟବସ୍ଥା ହୋଇଛି। କେବଳ ଗଞ୍ଜାମ ନୁହଁ ରାଜ୍ୟର ବିଭିନ୍ନ ଜିଲାର ବାଳ ଅପରାଧୀଙ୍କୁ ଆଣି ଏଠାରେ ରଖାଯାଉଛି। ତେବେ ଏହି ଗୃହରେ ରହୁଥିବା ନାବାଳକମାନେ ଅପରାଧ କରିଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ନିୟମ ରହିଛି। କିନ୍ତୁ ଅନେକ ସମୟରେ ଏହି ଗୃହର କର୍ମଚାରୀଙ୍କ ଖାମଖିଆଲ ମନୋଭାବ ଗୃହରେ ନାନାପ୍ରକାର ବିଶୃଙ୍ଖଳା ସୃଷ୍ଟି କରୁଛି। ବର୍ଷକ ତଳେ ଏହି ଗୃହରେ ରହୁଥିବା ୭ ଜଣ ଅନ୍ତେବାସୀ ଜଗୁଆଳିଙ୍କୁ ମାଡ ମାରି ମୁଖ୍ୟ ଫାଟକ ଦେଇ ଫେରାର ହୋଇଯାଇଥିଲେ। ଏ ନେଇ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହେବା ସହ ପୋଲିସ ୪ ଜଣଙ୍କୁ ଧରିବାରେ ସଫଳ ହୋଇଥିଲେ ମଧ ଏଯାବତ ୩ ଜଣଙ୍କ ପତ୍ତା ମିଳିପାରିନାହିଁ। କେବଳ ଏତିକି ନୁହଁ କିଛି ଦିନ ତଳେ ଏହି ଗୃହରେ ରହୁଥିବା ଅନ୍ତେବାସୀଙ୍କୁ କର୍ମଚାରୀମାନେ ନାନାପ୍ରକାର ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ ସହ ଚାଇଲ୍‌ଡ ଲାଇନର ଏକ ମିଳିତ ଟିମ୍ ଘଟଣାର ତଦନ୍ତ ମଧ କରିଥିଲା। ଏପରିକି ଜଣେ ଅନ୍ତେବାସୀ ମଧ ସେଠାରେ ଆତ୍ମହତ୍ୟା କରିଥିଲେ। ଯାହାର କି ତଦନ୍ତ ଏବେ ସୁଦ୍ଧା ହୋଇପାରିନାହିଁ। ସେହିପରି କିଛିଦିନ ହେବ ଆଉ ଏକ ବିବାଦ ସାମ୍ନାକୁ ଆସିଛି। ଏହି ଗୃହର ଜଣେ କର୍ମଚାରୀ ତଥା ହାଉସ ଫାଦର ସେଠାରେ ରହୁଥିବା ଜଣେ ଅନ୍ତେବାସୀଙ୍କୁ ତାଙ୍କ ମୋବାଇଲ ଫୋନ ଦେଇଥିଲେ। ଅନ୍ତେବାସୀ ଜଣଙ୍କ ନିଜ ଘରକୁ ଫୋନ କରି ଟଙ୍କା ମାଗିଥିଲେ। ଆଉ ସେହି ଟଙ୍କାରୁ କର୍ମଚାରୀ ଜଣଙ୍କ କମିଶନ ବାବଦକୁ ୧୦୦ ଟଙ୍କା ରଖିଥିଲେ। ଏ ନେଇ ଅନ୍ତେବାସୀ ଜଣଙ୍କ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ଘଟଣା ସାମ୍ନାକୁ ଆସିଥିଲା। ତେବେ ସଂପୃକ୍ତ ହାଉସ ଫାଦର ଜଣଙ୍କ ଏହାକୁ ଅସ୍ୱୀକାର କରୁଥିବାରୁ ଏ ନେଇ ତଦନ୍ତ କରିବାକୁ ଜଣେ ଏଡିଏମ୍‌ଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ ସୂଚନା ଦେଇଥିଲେ।

# କବିତା ପୁସ୍ତକ ଲୋକାର୍ପିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୧୮।୭

ବର୍ଷୀୟାନ କବି ଡ. କୈଳାସ ଚନ୍ଦ୍ର ତ୍ରିପାଠୀଙ୍କର ୨ଟି ଗୀତିଧର୍ମୀ କବିତା ସଂକଳନ ରବିବାର ଲୋକାର୍ପିତ ହୋଇଯାଇଛି। ଲୋଚାପଡ଼ାସ୍ଥିତ ଶକ୍ତିନଗରଠାରେ ଡ. ତ୍ରିପାଠୀଙ୍କ ବାସଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟକାର ମେଜର୍ ରମାରମଣ ପାଢ଼ୀ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଜୋନ୍ ଉପସଚିବ ଡ. କୁଳମଣି ଓଝା ଅତିଥି ଭାବେ ଯୋଗଦେଇ ଡ. ତ୍ରିପାଠୀଙ୍କ ଲିଖିତ 'ଫିକା ଫଗୁଣର ସ୍ମୃତି' ଓ 'ପ୍ରୀତିର ପୂରବୀ' ଦୁଇଟି ସଂକଳନକୁ ଲୋକାର୍ପିତ କରିଥିଲେ। ଶଶିଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. କାହ୍ନୁଚରଣ ପାଢ଼ୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ. ବଳଭଦ୍ର ତ୍ରିପାଠୀ, ଡ. ଆକୁଳାନନ୍ଦ ପାଢ଼ୀ, ଡ. ବନମାଳୀ ପାଣିଗ୍ରାହୀ, ଡ. ସୂଚନା ପାଢ଼ୀ ପ୍ରମୁଖ ସଂକଳନରୁ କବିତା ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିନତୀ ତ୍ରିପାଠୀ, ରାଜେଶ ତ୍ରିପାଠୀ, ସ୍ମୃତିଛନ୍ଦା ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମାଓବାଦୀ ଦମନ, ଗଞ୍ଜେଇ ଚାଷ ରୋକିବାକୁ ଗୁରୁତ୍ୱ

## ଫୁଲବାଣୀରେ ଡିଜିପିଙ୍କ ସମୀକ୍ଷା ବୈଠକ

ଫୁଲବାଣୀ ଅଫିସ, ୧୮।୭



ପୋଲିସ ରିଜର୍ଭ ପଡ଼ିଆରେ ଡିଜିପି ଓ ଅନ୍ୟମାନେ।

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି) ଅଭୟ ରବିବାର କନ୍ଧମାଳ ଜିଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି। ଜିଲାରେ ବଢ଼ି ଚାଲିଥିବା ମାଓବାଦୀ କାର୍ଯ୍ୟକଳାପ ଏବଂ ବେଆଇନ ଗଞ୍ଜେଇ ଚାଷ ରୋକିବାକୁ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ଅପରାହ୍ନ ୩ଟାରେ ପ୍ରବଳ ବର୍ଷା ମଧ୍ୟରେ ଡିଜି ଅଭୟ ହେଲିକପ୍ଟରରେ ଆସି ପୋଲିସ ରିଜର୍ଭ ପଡିଆରେ ଓହ୍ଲାଇଥିଲେ । ରିଜର୍ଭ କାର୍ଯ୍ୟାଳୟରେ ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ । ସମୀକ୍ଷା ପରେ ଡିଜି ଗଣମାଧ୍ୟମକୁ କହିଛନ୍ତି ଯେ, ଜିଲାରେ ମାଓବାଦୀମାନେ ସକ୍ରିୟ ଅଛନ୍ତି। ପୋଲିସ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ଚାଲୁରହିଛି । ଏଥିରେ ସଫଳତା ମିଳୁଛି । ମାଲକାନଗିରି ଜିଲାରେ ୨ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିବା ପୋଲିସର ସଫଳତା । ମାଓବାଦୀମାନେ ହିଂସା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଛୁ । ସେମାନେ ରାଜ୍ୟ ସରକାର ରଖିଥିବା ସୁବିଧା ସୁଯୋଗର ଫାଇଦା ନିଅନ୍ତୁ ବୋଲି ଡିଜି କହିଥିଲେ। ସେହିପରି ଜିଲାରେ ଗଞ୍ଜେଇ ଚାଷ ରୋକିବା ପାଇଁ ଉଦ୍ୟମ ଜାରି ରହିଛି । ବିଗତ ଦିନରେ ପୋଲିସ ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିବା ସହ ଚାଲାଣକାରୀଙ୍କୁ ଗିରଫ କରିଛି । ଗଞ୍ଜେଇ ଚାଷ କିପରି ନ ହେବ ସେଥିପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ଏହି ଅବସରରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ମଧ ମାଓବାଦୀ ବିରୋଧୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଡିଜିପିଙ୍କ ସହ ପ୍ରତ୍ୟେକ୍ଷ ଆଲୋଚନା ଯବାନମାନଙ୍କ ମନୋବଳ ବୃଦ୍ଧି କରିବ ବୋଲି କହିଥିଲେ।। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇଜି (ଅପରେଶନ) ଅମିତାଭ ଠାକୁର, ଆଇଜି(ମୁଖ୍ୟାଳୟ) ଦେବଦତ୍ତ ସିଂ, ଗୁଇନ୍ଦା ନିର୍ଦ୍ଦେଶକ ଲଳିତ ଦାଶ, କନ୍ଧମାଳ ଏସ୍‌ପି ଭିନିତ ଅଗ୍ରୱାଲଙ୍କ ସମେତ ଜିଲାର ବିଭିନ୍ନ ମାଓବାଦୀ ଅଞ୍ଚଳର ଥାନାଧିକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆନ୍ତଃଜିଲା ବାଇକ୍ ଚୋର ସମେତ ୩ ଗିରଫ, ୩ ବାଇକ ଜବତ

ବ୍ରହ୍ମପୁର ଅଫିସ,୧୮।୭

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଆନ୍ତଃଜିଲା ବାଇକ୍ ଚୋରକୁ ଗିରଫ କରିଛି। ତାଙ୍କଠାରୁ ଚୋରି ବାଇକ୍ କିଣିଥିବା ୨ ଜଣ ବ୍ୟକ୍ତିଙ୍କୁ ମଧ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁରର ଏଲ. ଶିବା ରେଡ୍ଡୀ, ଉଙ୍କାରିର ଜଗନ୍ନାଥ ଗୌଡ଼ ଓ ଖଜୁରିପଲ୍ଲୀର ବିଶିକେଶନ ରେଡ୍ଡୀ। ମାମଲା ନଂ ୧୯୭/୨୦ରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସାରଦାପ୍ରସନ୍ନ ଦାସ କହିଛନ୍ତି। ପ୍ରକାଶ ଯେ, ଗତ ବର୍ଷ ଅକ୍ଟୋବର ୨୦ରେ କୋଦଳା ଅଞ୍ଚଳର ସୁନୀଲ ପାଣ୍ଡି ନାମକ ଜଣେ ବ୍ୟକ୍ତି ନିଜ ସମ୍ପର୍କୀୟଙ୍କୁ ଦେଖିବାକୁ ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ସେ ଯାଇ ଆସିବା ବେଳକୁ ତାଙ୍କ ବାଇକ୍‌ଟି ଚୋରି ହୋଇଯାଇଥିବା ଜଣାପଡ଼ିଥିଲା। ଏ ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ନଂ. ୧୯୭/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ଏମ୍‌କେସିଜି ପରିସରରୁ ଏଭଳି ଏକାଧିକ ବାଇକ୍ ଚୋରି ଅଭିଯୋଗ ଆସିବା ପରେ ପୋଲିସ ଏକ ଟିମ୍ ଗଠନ କରି ଘଟଣାର ଅନୁସନ୍ଧାନ ଚଳାଇଥିଲା। ବାଇକ୍ ଚୋରିର ତଦନ୍ତ ଚାଲୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ଏମ୍‌କେସିଜି ପରିସରରୁ ଏଲ.ଶିବା ରେଡ୍ଡୀଙ୍କୁ ପୋଲିସ କାବୁ କରିଥିଲା। ତାଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ସେ ଏକ ପେସାଦାର ଆନ୍ତଃଜିଲା ବାଇକ୍ ଚୋର ବୋଲି ପୋଲିସ ଜାଣିବାକୁ ପାଇଥିଲା। ସେହିପରି ଏଲ. ଶିବା ବାଇକ୍ ଚୋରି କରିବା ପରେ ସେଥିରୁ ୨ଟି ବାଇକ୍ ଜଗନ୍ନାଥଙ୍କୁ ବିକ୍ରି କରିଥିବା ବେଳେ ବିଶିକେଶନଙ୍କୁ ଗୋଟିଏ ବାଇକ୍ ବିକ୍ରି କରିଥିବା ପୋଲିସକୁ କହିଥିଲେ। ଏହା ପରେ ଚୋରି ବାଇକ୍ କିଣିବା ଅଭିଯୋଗରେ ପୋଲିସ ଜଗନ୍ନାଥ ଓ ବିଶିକେଶନଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩ ବାଇକ୍ ଜବତ କରିଥିଲା।

# ଜାହାଡ଼ା ହତ୍ୟାକାଣ୍ଡ, ଜଣେ ଗିରଫ

## ଜେଜେବିରେ ହାଜର ହେଲେ ଅଭିଯୁକ୍ତଙ୍କ ଭାଇ

ଆସିକା,୧୮।୭(ଡି.ଏନ୍.ଏ.)

ଧରାକୋଟ ଥାନା ଅନ୍ତର୍ଗତ ଜାହାଡା ଗୋପୀନାଥ ଛକଠାରେ ଶୁକ୍ରବାର ସେହି ଗ୍ରାମର ପ୍ରତାପ ଖଟାଇଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ରବିବାର ଗିରଫ କରିଛି। ସେ ହେଲେ ରାକେଶ ସାମଲ। ଅଭିଯୁକ୍ତଙ୍କ ନାବାଳକ ଭାଇ ମଧ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ଜୁଭେଇନାଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ସୂଚନା ଦେଇଛନ୍ତି । ହତ୍ୟାକାଣ୍ଡରେ ବ୍ୟବହୃତ କାତି ଓ ଛୁରି ଜବତ କରିଛି ପୋଲିସ । ପ୍ରାଥମିକ ତଦନ୍ତରେ ହତ୍ୟାକାଣ୍ଡର କାରଣ ସମ୍ପର୍କରେ ଅଭିଯୁକ୍ତମାନେ ବୟାନ ଦେଇଛନ୍ତି। ୨୦୧୩ରେ ଜାହାଡା ଗ୍ରାମରେ ଅଭିଯୁକ୍ତଙ୍କ ବାପା ଭଗବାନ ସାମଲଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏଥିରେ ପ୍ରତାପ ମଧ ସଂପୃକ୍ତ ଥିଲେ । ପ୍ରତାପ ଆଗକୁ ଏଭଳି କିଛି ଅପରାଧ କରିପାରନ୍ତି ଆଶଙ୍କା କରି ଦୁଇ ଭାଇ ତାଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା ଆସିକା ଏସ୍‌ଡିପିଓ ଉମାଶଙ୍କର ସିଂ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ପ୍ରତାପ ଗୋପୀନାଥ ଛକସ୍ଥିତ ଏକ ରାଶନ ଦୋକାନକୁ ଯାଇଥିଲା ବେଳେ ହତ୍ୟାର ଶିକାର ହୋଇଥିଲେ। ଏହି ଘଟଣାକୁ ନେଇ ତାଙ୍କ ମା' ବିଷ୍ଣୁ ଖଟେଇଙ୍କ ଅଭିଯୋଗକ୍ରମେ ଧରାକୋଟ ଥାନାରେ ନଂ.୧୧୭/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା ।

# ନକଲି ସୁନା ଦେଇ କୋଟିଏରୁ ଉର୍ଦ୍ଧ୍ୱ ଠକେଇ

- ବିଭିନ୍ନ ଶାଖାରୁ ନେଇଛନ୍ତି ଋଣ
- ଗ୍ରାହକ ଫେରାର, ଚିନ୍ତାରେ ସଂସ୍ଥା କର୍ମଚାରୀ

ବ୍ରହ୍ମପୁର ଅଫିସ,୧୮।୭

ସୁନା ଋଣକୁ ନେଇ ଏକ ବଡ ଧରଣର ଠକେଇ ଦୃଷ୍ଟିକୁ ଆସିଛି। ଗୋଲ୍ଡ ଲୋନ୍ ସଂସ୍ଥାରେ ନକଲି ସୁନା ବନ୍ଧକ ରଖି ଋଣ ନିଆଯାଇଛି। ବ୍ରହ୍ମପୁର ସହରରେ ଥିବା ସଂସ୍ଥାର ଏକାଧିକ ଶାଖରୁ ପ୍ରାୟ ୧ କୋଟି ଟଙ୍କାର ଠକେଇ ହୋଇଥିବା ଜଣାପଡ଼ିଛି। ଉକ୍ତ ଘଟଣା ବର୍ଷେରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। କିନ୍ତୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

ସୂଚନା ପ୍ରକାରେ, ଏହି ଗୋଲ୍ଡ ଲୋନ୍ ସଂସ୍ଥାର ୪ରୁ ଅଧିକ ଶାଖା ବ୍ରହ୍ମପୁର ସହରରେ ରହିଛି। ଏଗୁଡ଼ିକରେ ଲୋକମାନେ ସୁନା ଅଳଙ୍କାର ବନ୍ଧକ ରଖି ତା' ବଦଳରେ ଟଙ୍କା ଋଣ ନେଇଥାନ୍ତି। ଗତ କିଛି ମାସ ଭିତରେ ଆସିକା ଅଞ୍ଚଳର ଜଣେ ଲୋକ ସଂସ୍ଥାର ବିଭିନ୍ନ କାର୍ଯ୍ୟାଳୟରେ ନକଲି ସୁନା ଅଳଙ୍କାର ବନ୍ଧକ ରଖି ଲକ୍ଷ ଲକ୍ଷ ଟଙ୍କାର ଋଣ ନେଇଯାଇଛନ୍ତି। କମାପଲ୍ଲୀ, ବଡ଼ବଜାର ଓ ଗୋସାଇଁନୂଆଗାଁରେ ଥିବା ସଂସ୍ଥା ଶାଖାରୁ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ସହଯୋଗୀମାନେ ଋଣ ନେଇଛନ୍ତି। କେବଳ କମାପଲ୍ଲୀ ଶାଖାରୁ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଋଣ ନେଇଥିବା ଜଣାପଡ଼ିଛି। ତେବେ ସୁନା ବନ୍ଧକ ରଖିବା ବେଳେ ସେଗୁଡ଼ିକ ଅସଲି ବୋଲି କର୍ମଚାରୀମାନେ ଅନୁଭବ କରିବା ପରେ ସେହି ଲୋକଙ୍କୁ ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଏହା ଅସଲି ନୁହେଁ, ସୁନା ପ୍ରଲେପ ଦିଆଯାଇଥିବା ଜଣାପଡ଼ିଥିଲା। ସୁନା ଅଳଙ୍କାର ରଖିବା ବେଳେ କର୍ମଚାରୀମାନେ ଭଲ ଭାବେ ଯାଞ୍ଚ କରି ନ ଥିବାରୁ ଏଭଳି ଠକେଇର ଶିକାର ହୋଇଥିବା ଅନୁମାନ କରାଯାଉଛି। ଏ ନେଇ କୌଣସି ଶାଖା ପକ୍ଷରୁ ଏ ପର୍ଯ୍ୟନ୍ତ ଥାନାରେ ଅଭିଯୋଗ କରାଯାଇନାହିଁ। ହେଲେ ସଂସ୍ଥାର କର୍ମଚାରୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଠିକଣା ଖୋଜି ବାହାର କରିବା ପରେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ପଚରାଉଚରା କରିଛନ୍ତି। ହେଲେ ସମ୍ପୃକ୍ତ ଠକ ବ୍ୟକ୍ତି ଜଣଙ୍କ ଫେରାର ହୋଇ ଯାଇଛନ୍ତି। ଥାନାରେ ଅଭିଯୋଗ କରାଯିବ ବୋଲି ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଦିବସରେ ଚାରା ବଣ୍ଟନ



ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ,୧୮।୭

ସ୍ୱାଧୀନତା ସଂଗ୍ରାମୀ ତଥା ଲାଞ୍ଜିପଲ୍ଲୀ ଅଞ୍ଚଳର ପ୍ରଥମ କାଉନସିଲର ସ୍ୱର୍ଗତ ଈଶ୍ୱର ସାହୁଙ୍କ ଜନ୍ମ ଦିବସରେ ରବିବାର ଲାଞ୍ଜିପଲ୍ଲୀ ବ୍ରାହ୍ମଣ ସାହି ସ୍ଥିତ ରଘୁନାଥ ମନ୍ଦିରଠାରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସାହୁଙ୍କ ପଣନାତି ଆଦିତ୍ୟ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସମ୍ପାଦକ ସୁବାସ ମହାରଣା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମଣ ଚୌଧୁରୀ, ମହାନଗର ଯୁବ ବିଜେଡି ସଭାପତି ଅଜିତ ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ମହିଳା ବିଜେଡି ସଭାନେତ୍ରୀ ଏମ୍. ସୁଜାତା ପାତ୍ର, ପୂର୍ବତନ କର୍ପୋରେଟର ସି.ଏଚ୍.ଗଙ୍ଗାଧର ପାତ୍ରଙ୍କ ସମେତ ଉପେନ୍ଦ୍ର ମହାରଣା, କେଦାର ସାହୁ, ସଂଗ୍ରାମ ପାତ୍ର ଓ ନିହାଲ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମୋବାଇଲ ଚୋର ସକ୍ରିୟ

## ବରିଷ୍ଠ ନାଗରିକଙ୍କ ସମେତ ୩ ଜଣଙ୍କ ଝାମ୍ପିନେଲେ

ବ୍ରହ୍ମପୁର ଅଫିସ,୧୮।୭

ବ୍ରହ୍ମପୁର ସହରର ବିଭିନ୍ନ ଭେଣ୍ଡିଂ ଜୋନ ଅଞ୍ଚଳରେ ମୋବାଇଲ ଚୋର ଏବେ ସକ୍ରିୟ ରହିଛନ୍ତି। ରବିବାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ମର୍ଦ୍ଦରାଜପୁର ଭେଣ୍ଡିଂ ଜୋନ୍ ନିକଟରୁ ଜଣେ ବରିଷ୍ଠ ନାଗରିକ ସମେତ ୩ ଜଣଙ୍କ ମୋବାଇଲ୍ ଝାମ୍ପି ନେଇଛନ୍ତି ଚୋର ଗ୍ୟାଙ୍ଗ। ପରିବା କିଣୁଥିବା ବେଳେ ଏହି ଗ୍ୟାଙ୍ଗ ସେମାନଙ୍କ ମୋବାଇଲ୍ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ଘଟଣାରୁ ପ୍ରକାଶ, ରବିବାର ସକାଳ ୭ଟାରେ ହିଲପାଟଣା ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ରବୀନ୍ଦ୍ର ସାହୁ ମର୍ଦ୍ଦରାଜପୁର ଭେଣ୍ଡିଂ ଜୋନ୍ ନିକଟକୁ ପରିବା କିଣିବା ଲାଗି ଯାଇଥିଲେ। ପରିବା କିଣିବା ସମୟରେ ଜଣେ ଯୁବକ ତାଙ୍କ ପକେଟରୁ ମୋବାଇଲଟି ଝାମ୍ପି ନେଇଯାଇଥିଲେ। ଏହି ସମୟରେ ସେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ ପାରିନଥିଲେ। ଚୋର ଜଣକ କିଛି ବାଟ ଧାଇଁ ପଳାଇବା ପରେ ନିକଟରେ ଜଗି ରହିଥିବା ଅନ୍ୟ ଜଣେ ଯୁବକଙ୍କ ବାଇକ୍‌ରେ ବସି ପଳାଇଥିଲେ। ସେହିପରି ଉକ୍ତ ଭେଣ୍ଡିଂ ଜୋନରେ ପରିବା କିଣୁଥିବା ଅନ୍ୟ ଦୁଇ ଜଣ ଲୋକଙ୍କ ପକେଟରୁ ମଧ ଚୋରମାନେ ମୋବାଇଲ ଝାମ୍ପି ନେଇ ଯାଇଥିଲେ। ସେମାନେ ବୈଦ୍ୟନାଥପୁର ଥାନାକୁ ଆସି ଏନେଇ ଅଭିଯୋଗ କରିଛନ୍ତି। ଉକ୍ତ ଭେଣ୍ଡିଂ ଜୋନ୍ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଆଦୌ କଡ଼ାକଡ଼ି ହେଉ ନ ଥିବା ଅଭିଯୋଗ ହେଉଛି। ସକାଳେ ବଜାରକୁ ଆସୁଥିବା ଲୋକମାନଙ୍କ ସୁରକ୍ଷା ପାଇଁ ସେଠାରେ ପୋଲିସ ମୁତୟନ କରିବାକୁ ଗଞ୍ଜାମ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ ଦାବି କରିଛନ୍ତି। ଏପରିକି ଭେଣ୍ଡିଂଜୋନ ଅଞ୍ଚଳରେ ସିସି ଟିଭି ଲଗାଇବା ପାଇଁ ମଧ ସେ ଦାବି କରିଛନ୍ତି।

# ଜାତୀୟସ୍ତରର କ୍ରୀଡ଼ାବିତ୍ ହୋଟେଲ କର୍ମଚାରୀ

## ଷ୍ଟିପେଲଚେଜ୍ ଖେଳାଳିଙ୍କ ଲାଗି ଅର୍ଥ, ଭିତ୍ତିଭୂମି ଅଭାବ

ବ୍ରହ୍ମପୁର ଅଫିସ,୧୮।୭



ଷ୍ଟିପେଲଚେଜ୍ ଅଭ୍ୟାସ କରୁଛନ୍ତି ସୂର୍ଯ୍ୟ।

ବ୍ରହ୍ମପୁର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଟି.ସୂର୍ଯ୍ୟ ଭେଙ୍କଟ। ଷ୍ଟିପେଲଚେଜ୍ କ୍ରୀଡ଼ା କ୍ଷେତ୍ରରେ ସେ ହେଉଛନ୍ତି ଗଞ୍ଜାମ ଜିଲାର ଜଣେ ମାତ୍ର ପ୍ରତିଭାବାନ ଖେଳାଳି। ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ପରିଚିତ ସୂର୍ଯ୍ୟଙ୍କୁ ଏବେ ପରିବାରର ଆର୍ଥିକ ଦୁରବସ୍ଥା ସୁଧାରିବା ନିମନ୍ତେ ହୋଟେଲରେ କାମ କରିବାକୁ ପଡୁଛି। ଅନ୍ୟପଟେ ଷ୍ଟିପେଲଚେଜ୍ କ୍ରୀଡ଼ା ଲାଗି ଜିଲାରେ ଉପଯୁକ୍ତ ଭିତ୍ତିଭୂମି ଅଭାବ କାରଣରୁ ସେ ଉନ୍ନତମାନର ପ୍ରଶିକ୍ଷଣରୁ ବଞ୍ଚିତ ହେଉଛନ୍ତି।

ବ୍ରହ୍ମପୁର ମହାନଗର ୧୭ ନଂ. ୱାର୍ଡ଼ ରାଧାକୃଷ୍ଣ ସାହିର ଟି. ପ୍ରଭାକର ରାଓଙ୍କ ପୁଅ ସୂର୍ଯ୍ୟ। ବାପା ଜଣେ ଦିନମଜୁରିଆ। ସୂର୍ଯ୍ୟ କ୍ରୀଡ଼ା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ସହ ଉଚ୍ଚଶିକ୍ଷା ଗ୍ରହଣ କରି ପରିବାର ଚଳାଇବାକୁ ସ୍ୱପ୍ନ ଦେଖିଛନ୍ତି। ଯୁକ୍ତ ୨ ପଢ଼ା ସମୟରୁ ସେ ଷ୍ଟିପେଲଚେଜ କ୍ରୀଡ଼ା ସହ ଜଡ଼ିତ ଅଛନ୍ତି। ଷ୍ଟିପେଲଚେଜ ଏକ ପ୍ରକାର ବାଧାଦୌଡ଼। ଏଥିରେ କ୍ରୀଡ଼ାବିତଙ୍କୁ ଉଭୟ ଖେଳପଡ଼ିଆ ଏବଂ ପାଣିରେ ୩୦୦୦ ମିଟର ଅତିକ୍ରମ କରିବାକୁ ହୁଏ। ୨୦୧୭ ମସିହାରେ ଆନ୍ତଃଜିଲା କ୍ରୀଡ଼ା ମହୋତ୍ସବରେ ସୂର୍ଯ୍ୟ ଷ୍ଟିପେଲଚେଜ ଖେଳି ଫାଇନାଲକୁ ଉନ୍ନୀତ ହୋଇଥିଲେ। ସେବେଠାରୁ ସେ ଜିଲା କ୍ରୀଡ଼ା ସଂଘ ଅଧିନରେ ନିୟମିତ ଅଭ୍ୟାସ କରିବା ସହ ବହୁ ପ୍ରତିଯୋଗିତାରେ ଭାଗ ନେଲେଣି। ୨୦୧୮ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେହିବର୍ଷ ଜାତୀୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେଇଥିଲେ। ସେଠାରୁ କୌଣସି ପଦକ ପାଇ ନ ଥିଲେ ସୁଦ୍ଧା ଉତ୍ତମ ପ୍ରଦର୍ଶନ କରି ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଯଦ୍ଦ୍ୱାରା ତାଙ୍କୁ ଭୁବନେଶ୍ୱର କ୍ରୀଡ଼ା ହଷ୍ଟେଲରେ ରହିବା ସୁଯୋଗ ମିଳିଥିଲା। ହେଲେ ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଯାଇପାରି ନ ଥିଲେ। ସୂର୍ଯ୍ୟ ବ୍ରହ୍ମପୁର ଷ୍ଟାଡ଼ିୟମରେ ଦୈନିକ ୪ ଘଣ୍ଟା ନିଜ କ୍ରୀଡ଼ା ଅଭ୍ୟାସ କରୁଥିଲେ। ପରେ କରୋନା ଓ ଉନ୍ନତୀକରଣ କାର୍ଯ୍ୟ ଯୋଗୁ ଦେଢ଼ବର୍ଷରୁ ଉର୍ଦ୍ଧ୍ୱ ହେବ ଅଭ୍ୟାସ ବନ୍ଦ ରହିଛି। ଷ୍ଟିପେଲଚେଜ୍ ନିମନ୍ତେ ଉପଯୁକ୍ତ ପଡିଆ ଗଞ୍ଜାମ ଜିଲାରେ ନ ଥିବା ସୂର୍ଯ୍ୟ କହିଛନ୍ତି। କରୋନା ଆସିବାପରଠୁ ଆର୍ଥିକ କ୍ଷେତ୍ରରେ ବାପାଙ୍କୁ ସାହାଯ୍ୟ କରିବା ନିମେନ୍ତ ଏକ ଘରୋଇ ହୋଟେଲରେ ମାସିକ ୪୦୦୦ଟଙ୍କା ବେତନରେ ଦୈନିକ ସନ୍ଧ୍ୟା ୫ରୁ ରାତି ୧୧ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି । ସୂର୍ଯ୍ୟଙ୍କ କୋଚ ସୁରେନ୍ଦ୍ର ପଟ୍ଟନାୟକ କହିଛନ୍ତି, ବ୍ରହ୍ମପୁରରେ କ୍ରୀଡ଼ାବିତଙ୍କ ନିମନ୍ତେ ଭିତ୍ତିଭୂମିର ଅଭାବ ରହିଥିବାରୁ ସୂର୍ଯ୍ୟଙ୍କ ଭଳି ବହୁ ଖେଳାଳି ନିୟମିତ କ୍ରୀଡ଼ା ଅଭ୍ୟାସ କରିପାରୁ ନାହାନ୍ତି। ଅନ୍ତତଃ ଭଲ ଖେଳପଡ଼ିଆ ଓ ଭିତ୍ତିଭୂମି ମିଳିପାରିଲେ ନିଶ୍ଚିତ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଏମାନେ ଉତ୍ତମ ପ୍ରଦର୍ଶନ କରିପାରିବେ ବୋଲି କୋଚ୍ ମତ ରଖିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଛତ୍ରପୁର/ଗଞ୍ଜାମ, ୧୮।୭(ଡି.ଏନ୍.ଏ.):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତ ନୀଳାଦ୍ରିପୁର ଗ୍ରାମରେ ରବିବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ପବିତ୍ର ପ୍ରଧାନ (୨୩)। ପବିତ୍ର ନୂଆ କୋଠାଘର କାନ୍ଥରେ ପାଣି ପକାଇବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ହୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ମଧ ପବିତ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହୁମ୍ମା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ରକ୍ତଦାନ ଶିବିର

**ଭଞ୍ଜନଗର,୧୮।୭(ଡି.ଏନ୍.ଏ):** କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ରବିବାର ସିଙ୍ଗିପୁର ଗ୍ରାମରେ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଭଞ୍ଜନଗର ରକ୍ତଭଣ୍ଡାର କର୍ମଚାରୀ ଶିବିରରୁ ୩୦ ୟୁନିଟ ରକ୍ତ ସଂଗ୍ରହ କରିଛନ୍ତି। ଜିଲା ରେଡ୍‌କ୍ରସ୍ ସଂଯୋଜକ ବି. ଗୋବିନ୍ଦ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଜଗନ୍ନାଥପ୍ରସାଦ ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ ଅଧାପକ ଲୋକନାଥ ମହାନ୍ତି, ବନପାଳ ଭେଙ୍କଟ ଦୋରା, ଡିଇଓ ସରୋଜ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଙ୍ଗିପୁର ଭିଲେଜ ରୁରାଲ ସର୍ଭିସ ସଙ୍ଗଠନର କର୍ମକର୍ତ୍ତା ଦୀନଦୟାଲ ଜେନା, ଦିଗାମ୍ବର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### କାର୍ଯ୍ୟକ୍ଷମ ହେଉନି ଶୌଚାଳୟ



**କାଶୀନଗର,୧୮।୭(ଡି.ଏନ୍.ଏ.):** କାଶୀନଗର ଡାକବଙ୍ଗଳାଠାରେ ସ୍ୱଚ୍ଛ ଭାରତ ମିଶନ ପାଣ୍ଠିରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲା। ଏଥିପାଇଁ ୬ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ କରାଗଲା। ୨୦୨୦ ଜାନୁୟାରୀରୁ ଏହାର କାର୍ଯ୍ୟ ସରିଥିଲେ ମଧ ଏଯାଏ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ରେଳଷ୍ଟେଶନ ପାଖରେ ଥିବା ଏହି ଶୌଚାଳୟ ଲୋକଙ୍କ କାମରେ ଲାଗୁନି। ଏହା ମଦ୍ୟପଙ୍କୁ ସୁହାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ଏନ୍‌ଏସି ସମ୍ମୁଖରେ ଥିବା ବନ୍ଧ ନିକଟରେ ନିର୍ମିତ ଶୌଚାଳୟ କାର୍ଯ୍ୟକ୍ଷମ ହୋଇଥିଲେ ବି ଏହାର ତଦାରଖ କରାଯାଉନାହିଁ। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଗଞ୍ଜେଇ ସହ ଅଟୋ ଜବତ

**ବାଲିଗୁଡ଼ା,୧୮।୭(ଡି.ଏନ୍.ଏ.):** ବାଲିଗୁଡ଼ା ପୋଲିସ ରବିବାର ପାଟ୍ରୋଲିଂ କରୁଥିବା ବେଳେ ମେଲସିକିଆ ପଟୁ ଆସୁଥିବା ଏକ ଅଟୋ (ଓଡି ୧୨ଏ ୬୫୩୦)କୁ ଯାଞ୍ଚ କରାଯାଇଥିଲା। ସେଥିରୁ ୩୫ କିଲୋ ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଅଭିଯୁକ୍ତ ଜଣକ ଅଟୋ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଏ ନେଇ ବାଲିଗୁଡ଼ା ଏଏସ୍‌ଆଇ ଶାନ୍ତନୁ ପ୍ରଧାନ ନଂ. ୧୧୮/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

### ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

**ବେଗୁନିଆପଡ଼ା,୧୮।୭(ଡି.ଏନ୍.ଏ.):** ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କାଳିମେଘିସ୍ଥିତ ସରକାରୀ ହାଇସ୍କୁଲ ପରିସରରେ କବିସୂର୍ଯ୍ୟନଗର ଓ ଖଲ୍ଲିକୋଟର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ୮୪ତମ ଜନ୍ମ ଦିବସ ଉପଲକ୍ଷେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ମୋ ପରିବାର, ଜୀବନବିନ୍ଦୁ ଏବଂ ବିଜେଡିର ବେଗୁନିଆପଡ଼ା ବ୍ଲକ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ବିଧାୟିକା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅଗଷ୍ଟ ୫ରେ ସୁଜ୍ଞାନଙ୍କ ଜନ୍ମଦିନ ପଡୁଥିବା ବେଳେ ଜୁଲାଇ ୧୮ରେ କାଳିମେଘି, ବେରୁଆଁବାଡ଼ି, ମଠ ସରସିଂ ଓ ସାନ ଉଦ୍ଦାପଡା ପଞ୍ଚାୟତକୁ ନେଇ କାଳିମେଘିଠାରେ ପ୍ରଥମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ଏଥିରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜୀବନବିନ୍ଦୁର ଜିଲା ସଂଯୋଜକ ସୁବାସ ଚନ୍ଦ୍ର ମହାରଣା, ଆସିକା ସାଂସଦୀୟ କ୍ଷେତ୍ରର ସଂଯୋଜକ ନିର୍ମଳ ସାହୁ, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡି, ପୂର୍ବତନ ଜିଲା ପରିଷଦ ତ୍ରିନାଥ ଭୂୟାଁ, ସରପଞ୍ଚ ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ନାହିଁ, ଚାରାରୋପଣ ବାଧାପ୍ରାପ୍ତ ଆଶଙ୍କା

## ବୈଷୟିକ ଜ୍ଞାନକୌଶଳ ପ୍ରୟୋଗକୁ କେନ୍ଦ୍ରର ପ୍ରଶଂସା

**ଭଞ୍ଜନଗର,୧୮।୭(ଡି.ଏନ୍.ଏ)**

ଭଞ୍ଜନଗର ଅଞ୍ଚଳରେ ବର୍ଷା ଅଭାବରୁ ଚାଷ ଓ ଚାରାରୋପଣ କାର୍ଯ୍ୟ ପଛେଇଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ଼, ତାରସିଂ, ଗାଲେରି, ଜଗନ୍ନାଥପ୍ରସାଦ ଓ କେନ୍ଦ୍ରୀୟ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଚାରାରୋପଣ ପାଇଁ ଲକ୍ଷ୍ୟ ରଖାଯାଇଛି। ତେବେ ବର୍ଷା ଠିକ୍ ଭାବେ ହେଉ ନ ଥିବା ଯୋଗୁ ମାତ୍ର ୫୦% ଚାରାରୋପଣ ହୋଇପାରିଛି। ବର୍ଷା ନ ହେଲେ ଏସବୁ ବଞ୍ଚିବା ନେଇ ସନ୍ଦେହ ଦେଖାଦେଲାଣି । ଏଭଳି ପରିସ୍ଥିତିରେ ଲକ୍ଷ୍ୟ ପୂରଣ ପାଇଁ ଚାରାରୋପଣ କାର୍ଯ୍ୟକୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଓଏଫ୍‌ଏସ୍‌ଡ଼ିପି, କାମ୍ପା, ଏମ୍‌ଜିଏନ୍‌ଆରଇଜିଏସ୍ ସମେତ ବିଭିନ୍ନ ଯୋଜନାରେ ଚାରାରୋପଣ



ବନ ବିଭାଗ ଅଧିକାରୀ ଚାରାରୋପଣ କାର୍ଯ୍ୟ ତଦାରଖ କରୁଛନ୍ତି ।

କାର୍ଯ୍ୟ ଚାଲିଛି। ପୂର୍ବରୁ ଚାରାରୋପଣରେ ବ୍ୟାପକ ଅନିୟମିତତା ହେଉଥିଲା। ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚଳିତବର୍ଷ ଚାରାରୋପଣ ସମୟରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି ପ୍ରମାଣ ରଖାଯାଉଛି। ଚାରାରୋପଣ ପୂର୍ବରୁ, ଚାରାରୋପଣ ସମୟ ଏବଂ ଏହା ପରର ଚିତ୍ର ଉକ୍ତ ସ୍ଥାନର ସ୍ଥିତି ଉପରେ ଜିପିଏସ୍ ଟ୍ରିଙ୍ଗ୍ ନିଆଯାଇ ବନ ବିଭାଗର ସ୍ୱତନ୍ତ୍ର ପୋର୍ଟାଲରେ ଲୋଡ୍ କରାଯାଉଛି। ଏହାଦ୍ୱାରା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜାଣିହେଉଛି। ବନୀକରଣ ଓ ଜଙ୍ଗଲ ପରିଚାଳନାରେ ଓଡ଼ିଶାର ବୈଷୟିକ ଜ୍ଞାନକୌଶଳ ପ୍ରୟୋଗକୁ କେନ୍ଦ୍ର ସରକାର ପ୍ରଶଂସା ମଧ୍ୟ କରିଛନ୍ତି । ଏସିଏଫ୍ ସୁଦର୍ଶନ ବାଦୀ, ତାରସିଂ ରେଞ୍ଜର ଆଶାଲତା ଦିଗାଲ ରବିବାର ଘୋଗଡ଼, ସଲପଡଇଲା, କଇଁଫୁଲିଆ, ମହାଦେବ ଖମନ ଆଦି ଅଞ୍ଚଳରେ ହେଉଥିବା ଚାରାରୋପଣ କାର୍ଯ୍ୟ ତଦାରଖ କରିଛନ୍ତି । ସେହିଭଳି ଡିଏଫ୍‌ଓ ଅଭୟ କୁମାର ଦଳେଇ ଚାରାରୋପଣ କାର୍ଯ୍ୟ କିଭଳି ସଫଳ ହେବ ସେନେଇ ବାରମ୍ବାର ସମୀକ୍ଷା କରୁଛନ୍ତି। ଆରସିସିଏଫ୍ ପ୍ରଶାନ୍ତ କୁମାର ମିଶ୍ର ମଧ୍ୟ ଶୁକ୍ରବାର ଭଞ୍ଜନଗର ଗସ୍ତରେ ଆସି ଚାରାରୋପଣ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିଛନ୍ତି ।



ଗିରଫ ଅଭିଯୁକ୍ତଙ୍କୁ ପୋଲିସ ଗାଡ଼ିରେ ନିଆଯାଉଛି।

# ଗୁଣି ସନ୍ଦେହରେ ଆକ୍ରମଣ ଘଟଣା, ୧୮ ଗିରଫ

**ପୋଲସରା,୧୮।୭(ଡି.ଏନ.ଏ.)**

ପୋଲସରା ଥାନା ଚିରିକିପଡ଼ା ଶାସନ ଗ୍ରାମରେ ଗୁଣି ସନ୍ଦେହରେ ଶୁକ୍ରବାର ବିମଳ ନାହାକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏ ନେଇ ପୁଅ ମୃତ୍ୟୁଞ୍ଜୟ ନାହାକଙ୍କ ଏତଲା କ୍ରମେ ପୋଲସରା ପୋଲିସ ନଂ. ୨୪୬/୨୧ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୧୮ ଜଣଙ୍କୁ ରବିବାର ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପୋଲସରା ଥାନା ଚିରିକିପଡ଼ା ଶାସନର ଦାଶରଥି ନାହାକ, ପର୍ଶୁରାମ ନାହାକ, କାଳିଆ ନାହାକ, ଅଜୟ ନାହାକ, ଅରୁଣ ନାହାକ, ଗଙ୍ଗାଧର ନାହାକ, ରଞ୍ଜନ ନାହାକ, ଦିପୁ ନାହାକ, ଭଗବାନ ନାହାକ, ବିକ୍ରମ ନାହାକ, ରଚନା ନାହାକ, ହାଡ଼ିଆ ନାହାକ, ଅରସୁଲ ନାହାକ, କଙ୍କଡ଼ା ନାହାକ, ଅମିତ ନାହାକ, ବାବୁଲା ନାହାକ, ଆସିକା ଥାନା ଗୁଡିସରର ବାସୁଦେବ ନାହାକ ଏବଂ ବୁଗୁଡା ଥାନା ଭାବସର ଗ୍ରାମର କୁଞ୍ଜ ନାହାକ।

# ପ୍ରକଳ୍ପ ଉଦ୍‌ଘାଟନ ପୂର୍ବରୁ ମନ୍ତ୍ରୀଙ୍କ ସମୀକ୍ଷା

**ଭଞ୍ଜନଗର,୧୮।୭(ଡି.ଏନ୍.ଏ)**

ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରେ ଆସନ୍ତା ୨୦ ଏବଂ ୨୧ ତାରିଖରେ ଅନେକ ମେଗା ପ୍ରକଳ୍ପ ଉଦ୍‌ଘାଟନ କରାଯିବ। ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ଏସବୁ ପ୍ରକଳ୍ପ ସ୍ଥଳଗୁଡ଼ିକ ବୁଲି ଦେଖିଥିଲେ। ପରେ ସନ୍ଧ୍ୟାରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ମଙ୍ଗଳବାର ଢୁଢୁଆ କଲ୍ୟାଣମଣ୍ଡପ, ମୁଦୁଲିପଲ୍ଲୀ ପଞ୍ଚାୟତ ଅଫିସ କୋଠା, ଭଞ୍ଜନଗର ଘରୋଇ ବସ୍ ମାଲିକ ସଂଘ କୋଠା, ୱାର୍ଡ଼ ନଂ ୧୨, ୧୫ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରାଯିବ। ଏଥିସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ମଧ ରହିଛି। ବୁଧବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଡିହପଢ଼ାଳ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଆଦି ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି ।

# ଯୁବକଙ୍କୁ ହତ୍ୟା ଘଟଣା, ଜଣେ କୋର୍ଟଚାଲାଣ

**ଗୋପାଳପୁର,୧୮।୭**

ରଣ୍ଡା ଗ୍ରାମ ହରିଜନ ସାହିରେ ଝିଙ୍କିପଦର ଗ୍ରାମର ଦିଲ୍ଲୀ ଦାସଙ୍କୁ ହତ୍ୟା ଘଟଣାରେ ଗୋଳନ୍ଥରା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ରଣ୍ଡା ହରିଜନ ସାହିର ବିନୋଦ ଦାସ। ସୂଚନାନୁସାରେ ଦିଲ୍ଲୀ ରଣ୍ଡା ଗ୍ରାମ ହରିଜନ ସାହିସ୍ଥିତ ଶ୍ୱଶୁର ଘରେ ୮ ମାସ ହେଲା ରହୁଥିଲେ। ଉକ୍ତ ଗ୍ରାମର ବିନୋଦଙ୍କ ସହ ମିଶି ସେ ଶ୍ରମିକ କାର୍ଯ୍ୟ କରୁଥିଲେ। ଗତ ୧୫ ତାରିଖରେ ବିନୋଦଙ୍କ ପକେଟରୁ ୪୦୦ ଟଙ୍କା ହଜିଯାଇଥିଲା। ଏ ନେଇ ବିନୋଦ ଓ ଦିଲ୍ଲୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେହିଦିନ ଦିଲ୍ଲୀ ରାତିରେ ତାଙ୍କ ପଡ଼ୋଶୀ ଘର ଛାତରେ ଶୋଇଥିଲେ। ପ୍ରତିଶୋଧ ନେବା ପାଇଁ ବିନୋଦ ରାତ୍ର ପ୍ରାୟ ସାଢ଼େ ୧୧ଟାରେ ଏକ କଙ୍କ୍ରିଟ ଇଟା ଧରି ଦିଲ୍ଲୀଙ୍କ ମୁଣ୍ଡ ଉପରେ ଛେଚି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୋଳନ୍ଥରା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ଶୁକ୍ରବାର ସାଇଣ୍ଟିଫିକ ଟିମ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ତକିଆ ଜବତ କରିଥିଲା। ଏନେଇ ନଂ. ୧୮୭/୨୧ରେ ହତ୍ୟା ମାମଲା ରୁଜୁ ହୋଇଥିଲା।

# ବିଜୁ ଛାତ୍ର ଜନତା ଦଳର ବନ୍ଧୁମିଳନ

## ୩ ବର୍ଷ ପରେ ଏକାଠିକୁ ନେଇ ଚର୍ଚ୍ଚା




ବନ୍ଧୁମିଳନ କାର୍ଯ୍ୟକ୍ରମରେ ଛାତ୍ରନେତାମାନେ।

**ଛତ୍ରପୁର/ଗଞ୍ଜାମ,୧୮।୭(ଡି.ଏନ୍.ଏ.)**

ଛତ୍ରପୁର ନିର୍ବାଚନମଣ୍ଡଳୀ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ତଥା ଛାତ୍ରନେତାମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଗଞ୍ଜାମ ବ୍ଲକ ପାଲିବନ୍ଧ ଗଙ୍ଗା ଦେବୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୮ରେ ଡିଗ୍ରି ପାଇଁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହୋଇଯାଇଥିଲା। ତା' ପରଠାରୁ ବିଭିନ୍ନ କାରଣ ପାଇଁ ନିର୍ବାଚନ ବନ୍ଦ ରହିଛି। ଏପରିକି ଗତ ୧ ବର୍ଷ ହେଲା କୌଣସି କାର୍ଯ୍ୟକ୍ରମରେ ଛାତ୍ରନେତାମାନଙ୍କୁ ଦେଖିବାକୁ ମିଳୁନାହିଁ। ତେଣୁ ହଠାତ୍ ଏଭଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ଲାଗିରହିଛି। କାର୍ଯ୍ୟକ୍ରମରେ ଲିଙ୍ଗରାଜ ମହାପାତ୍ର, ଅଜିତ ସ୍ୱାଇଁ, ବେଣୁଧର ବେହେରା, ବବୁଲ ନାୟକ, ରବୀନ୍ଦ୍ର ନାହାକ, କମଲ କୁମାର ବେହେରା, ବାଦଲ କୁମାର ପ୍ରଧାନ, ଏମ୍. ସନ୍ତୋଷ ରେଡ୍ଡୀ ପ୍ରମୁଖଙ୍କ ସମେତ ବହୁ ଛାତ୍ରନେତା ଯୋଗ ଦେଇଥିଲେ।

# ଧାନତଳିରେ ପତ୍ରପୋଡ଼ା ରୋଗ, ଚିନ୍ତାରେ ଚାଷୀ

**ବୁଗୁଡ଼ା,୧୮।୭(ଡି.ଏନ୍.ଏ.)**

ଚଳିତବର୍ଷ ସ୍ୱଳ୍ପ ବୃଷ୍ଟି ସାଙ୍ଗକୁ ଧାନତଳିରେ ପତ୍ରପୋଡ଼ା ରୋଗ ବୁଗୁଡ଼ା ଅଞ୍ଚଳର ଚାଷୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସ୍ୱଳ୍ପ ବର୍ଷା ସତ୍ତ୍ୱେ ତଳିଘରାକୁ ବଞ୍ଚାଇବାକୁ ଉଦ୍ୟମ କରିବା ବେଳେ ପତ୍ରପୋଡା ରୋଗ କାରଣରୁ ତଳିସବୁ ପୋଡିବାକୁ ଲାଗିଲାଣି। ଜୁଲାଇ ଦ୍ୱିତୀୟ ସପ୍ତାହ ବିତି ଯାଇଥିଲେ ହେଁ ଆବଶ୍ୟକ ବର୍ଷା ହେଉନାହିଁ। ଧାନରୁଆ ପାଇଁ ପକାଯାଇଥିବା ତଳିସବୁ ଜଳିବାରେ ଲାଗିଛି। ଗୋଲିଆ ଗାଁର ବିଭିନ୍ନ ଜମିରେ ପକାଯାଇଥିବା ଧାନତଳି ସବୁ କୁଟାଖିଅ ପରି ହୋଇଯାଇଛି ବୋଲି ଚାଷୀ ନାରାୟଣ ଗୌଡ଼ କହିଛନ୍ତି। ସେହିପରି ବୁଗୁଡ଼ାର ରାମଚନ୍ଦ୍ର ବେହେରା, ଦୀନବନ୍ଧୁ ଗୌଡ଼, ସଂଗ୍ରାମ କେଶରୀ ସାହୁ, ଚନ୍ଦ୍ର ଗୌଡ଼, ଟୁନା ପୋଲେଇଙ୍କ ସମେତ ଶତାଧିକ



ନଷ୍ଟ ହୋଇଥିବା ଧାନ କିଆରି।

ଚାଷୀ ପକାଇଥିବା ତଳିଘରାଗୁଡିକରେ ମଧ ପତ୍ରପୋଡା ରୋଗ ଦେଖାଦେଇଛି। ସେମାନଙ୍କ ହାତରେ ଏବେ ଆଉ ବିହନ ନାହିଁ କି ସରକାରୀ ବିହନ କିଣିବା ପାଇଁ ଟଙ୍କା ନାହିଁ। ଗୋଲିଆ ଗ୍ରାମ ସମେତ ବୁଗୁଡ଼ା ଅଞ୍ଚଳର ଚାରିଆଡ଼େ ଏହି ପତ୍ରପୋଡା ରୋଗ ବ୍ୟାପିବାରେ ଲାଗିଛି। ବୁଗୁଡା ଅଞ୍ଚଳରେ ଅଧିକାଂଶ ଜମିକୁ ଜଳସେଚନର ବ୍ୟବସ୍ଥା ନ ଥିବାରୁ ଏ ପର୍ଯ୍ୟନ୍ତ ଚାଷକାର୍ଯ୍ୟ ଆଦୌ ଆରମ୍ଭ ହୋଇ ପାରିନାହିଁ। ଅନ୍ୟପକ୍ଷରେ ଅନାବୃଷ୍ଟି ଓ ପତ୍ରପୋଡା ରୋଗ ସାଙ୍ଗକୁ ପ୍ରଚଣ୍ଡ ଖରାଦାଉରୁ ଧାନତଳିକୁ ବଞ୍ଚାଇ ରଖିବା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିବା ଜଣାପଡ଼ିଛି।

# ସଡ଼କ ସୁରକ୍ଷା ସଚେତନତା

**ଦାରିଙ୍ଗବାଡ଼ି,୧୮।୭(ଡି.ଏନ୍.ଏ)**

ଦାରିଙ୍ଗବାଡ଼ି ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରାଯିବା ସହ ଜନସଚେତନ କରାଯାଇଛି। ସମସ୍ତ ପ୍ରକାର ଗାଡ଼ି ଚଳାଇବା ବେଳେ ଚାଳକ ନିଶାସକ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବା ସହ ଟ୍ରାଫିକ ନିୟମ ପାଳନ, ନାବାଳକମାନଙ୍କୁ ଗାଡ଼ି ଚଳାଇବାକୁ ନ ଦେବା, ବାଇକ୍ ଚଳାଇବା ବେଳେ ଚାଳକ ଏବଂ ପଛରେ ବସିଥିବା ଲୋକ ହେଲ୍‌ମେଟ ବ୍ୟବହାର ବାଧ୍ୟତାମୂଳକ, ବାଇକ୍‌ରେ ୩ ଜଣ ନ ବସିବା ଆଦି ନେଇ ସଚେତନ କରାଯାଇଥିଲା। ଆଇଆଇସି କୌଶିକ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍‌ସପେକ୍ଟର ସୌମ୍ୟକାନ୍ତ ପଣ୍ଡା ଏକ ଶୋଭାଯାତ୍ରାରେ ବାହାରି ସଚେତନ କରିଥିଲେ। ଦାରିଙ୍ଗବାଡ଼ିର ଚାରିଛକ, ତିନିଛକ, ଶିବମନ୍ଦିର ଛକ ଆଦି ଅଞ୍ଚଳରେ ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ସଚେତନ କରିଥିଲେ।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଖଜୁରିପଡ଼ା/ବଲସକୁମ୍ପା, ୧୮।୭(ଡି.ଏନ୍.ଏ.)**

ପ୍ରତିଦିନ ମୂଲ ମଜୁରି କରି ପରିବାରର ଚାରି ପ୍ରାଣୀ କୁଟୁମ୍ବଙ୍କୁ ଆହାର ଯୋଗାଉଥିଲେ। ମାତ୍ର ଦଇବ ଭଗାରି ହେଲେ ବିପଦ ମାଡ଼ି ଆସେ। ସେତେବେଳେ ଭାଗ୍ୟକୁ ଆଦରି ଅତି ଦୟନୀୟ ଜୀବନ ବିତେଇବାକୁ ହୁଏ। ଏହିଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ପିରିକୁଡ଼ି ପଞ୍ଚାୟତ ଅନ୍ତର୍ଗତ ଜନେଲିକୁମ୍ପା ଗ୍ରାମରେ। ଉକ୍ତ ଗ୍ରାମର ହରି ବିହ୍ୱାଣି (୭୦)। ମୂଲ ମଜୁରି କରିବା ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରି କରି ପରିବାରର ଗୁଜରାଣ ମେଣ୍ଟାଉଥିଲେ। କରୋନା କଟକଣା ଯୋଗୁ କାମଧନ୍ଦା ନଥିବା ବେଳେ ଚଳିତବର୍ଷ ପ୍ରଚୁର ଆମ୍ବ ହୋଇଛି। ଆମ୍ବ ତୋଳି ଦୁଇ ପଇସା ରୋଜଗାର



ଅସୁସ୍ଥ ହରି ବିହ୍ୱାଣି।

କରିବା ଆଶାରେ ହରି ଦୁଇ ମାସ ତଳେ ଆମ୍ବ ତୋଳିବାକୁ ଯାଇଥିଲେ। ମାତ୍ର ଆମ୍ବ ତୋଳିବା ସମୟରେ ଡାଳ ଭାଙ୍ଗିଯିବାରୁ ସେ ଗଛରୁ ତଳେ ପଡ଼ିଗଲେ ଏବଂ ତାଙ୍କ ବାମ ଗୋଡ଼ ଜଙ୍ଘର ହାଡ଼ ଭାଙ୍ଗିଗଲା। ପରିବାରବର୍ଗ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ଗୋଡର ହାଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାରୁ ଗୋଡ଼ରେ ରଡ ଲଗାଇବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି ଏବଂ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେବାକୁ କହିଲେ। ମାତ୍ର ଘରର ଅବସ୍ଥା ଶୋଚନୀୟ ହୋଇଥିବା ଯୋଗୁ ଦୁଇ ପୁଅ ପ୍ରଶାନ୍ତ ଓ ପ୍ରତାପ ଯାହା ରୋଜଗାର କରନ୍ତି, ସେଥିରେ ଘର ଚଳେ। ଏହି ପରିସ୍ଥିତିରେ ବାପାଙ୍କୁ ଉତ୍ତମ ଚିକିତ୍ସା କରାଇପାରୁ ନାହାନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଚିକିତ୍ସା କରାଇଲେ ଗୋଡ଼ ଭଲ ହୋଇ ପୁଣି ଥରେ ହରି ଚାଲିପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି କେହି ସହୃଦୟ ବ୍ୟକ୍ତି ହରିଙ୍କ ଚିକିତ୍ସା ପାଇଁ ଆର୍ଥିକ ସାହାଯ୍ୟ କଲେ ହରି ସୁସ୍ଥ ହୋଇପାରନ୍ତେ ବୋଲି କୁହାଯାଇଛି।

# କବାଡ଼ି ଆସୋସିଏଶନ ଗଠିତ

**ଜି.ଉଦୟଗିରି,୧୮।୭(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଲୁକ୍କାୟିତ ଥିବା ପ୍ରତିଭାର ବିକାଶ ପାଇଁ ଜି.ଉଦୟଗିରିରେ କବାଡି ଆସୋସିଏଶନ ଗଠିତ ହୋଇଛି। ଆବାହକ ମହମ୍ମଦ ଜିଆଉଦିନଙ୍କ ଆହ୍ୱାନ କ୍ରମେ ସଭାପତି ସୁନୀଲ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଆସୋସିଏଶନ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସୁନୀଲ କୁମାର ନାୟକ, ଉପସଭାପତି ଭାବେ ରାମକୃଷ୍ଣ ଚୌଧୁରୀ, ସାଧାରଣ ସମ୍ପାଦକ ସରୋଜ କୁମାର ଦାସ, ସହ ସମ୍ପାଦକ କୁମାରୀ ବିଚିତ୍ରା ପ୍ରଧାନ, କୋଷାଧକ୍ଷ ବିଜୟ ନାୟକଙ୍କୁ ମନୋନୀତ କରାଯାଇଥିଲା। ଆସନ୍ତା ମାସରେ ବ୍ଲକ ସ୍ତରୀୟ କବାଡି ପ୍ରତିଯୋଗିତା ଆୟୋଜିତ ହେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଆଗାମୀ ଦିନରେ ଜିଲା ସ୍ତରୀୟ କବାଡି ପ୍ରତିଯୋଗିତା ଆୟୋଜିତ ହେବ। ବୈଠକରେ ରଟିଙ୍ଗିଆ ହାଇସ୍କୁଲ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁ, ବରିଷ୍ଠ ପୂର୍ବତନ ସେନା କର୍ମଚାରୀ କିଶୋର ପ୍ରଧାନଙ୍କ ସମେତ ବିଶ୍ୱବିଦ୍ୟାଳୟ ସ୍ତରର ଚମ୍ପିୟାନ କବାଡି ଖେଳାଳି ବିଚିତ୍ରା ପ୍ରଧାନ, ଅଞ୍ଜଳି ପ୍ରଧାନ, ତପସ୍ୱିନି ପ୍ରଧାନ, ଚମ୍ପିଲତା ପ୍ରଧାନ, ଅରୁନ୍ଧତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ଭଙ୍ଗାଘରେ ଜୀବନ କାଟୁଛନ୍ତି ସୁଭାଷିନୀ

**ଖଜୁରିପଡ଼ା/ବଲସକୁମ୍ପା, ୧୮।୭(ଡି.ଏନ୍.ଏ.)**

ଖଜୁରିପଡ଼ା ବ୍ଲକ ଓ ପଞ୍ଚାୟତ ଅଧୀନ ଚାରିପଡ଼ା ଗାଁରେ ବାସ କରନ୍ତି ଅସହାୟ ବିଧବା ବୃଦ୍ଧା ସୁଭାଷିନୀ ବାରିକ (୫୫)। ପରିବାର କହିଲେ ସେ ଏକା। କିଛି ବର୍ଷ ପୂର୍ବରୁ ସ୍ୱାମୀ ରୋଗାଗ୍ରସ୍ତ ହୋଇ ଆରପାରିକୁ ଚାଲିଗଲେ। ସେହିଦିନଠାରୁ ଏକାକୀ ରହନ୍ତି ସୁଭାଷିନୀ। ଯେଉଁ ଘରେ ରହୁଛନ୍ତି, ସେହି ଘରର ଅବସ୍ଥା ଅତି ଶୋଚନୀୟ। ଦିନରେ ସୂର୍ଯ୍ୟ, ରାତିରେ ତାରା, ଜହ୍ନ ଦେଖାଯାଉଛି। ଯେଉଁ ଭଙ୍ଗା ଦଦରା ପଲିଥିନଟଣା ଘରେ ରହୁଛନ୍ତି, ତାହା ବାହାରେ ରହିବା ସଙ୍ଗେ ସମାନ। ସରକାର କୋଟି କୋଟି ଟଙ୍କା ବିନିଯୋଗ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦେଉଛନ୍ତି। ମାତ୍ର



ଭଙ୍ଗା ଦଦରା ଘରେ ସୁଭାଷିନୀ।

ଏଠିକାର ବାସ୍ତବ ଚିତ୍ର କିନ୍ତୁ ସବୁଠାରୁ ଭିନ୍ନ। ଘର ଖଣ୍ଡେ ପାଇଁ ସୁଭାଷିନୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି, କିନ୍ତୁ ଘର ମିଳୁନାହିଁ। କେବଳ ସରକାରଙ୍କ ତରଫରୁ ଚାଉଳ, ଭତ୍ତା ମିଳୁଛି। ସେଥିରେ ଯେନତେନ ପ୍ରକାରେ ଦୁଇ ଓଳି ପେଟରେ ଦାନା ପଡୁଛି। ଭାଗ୍ୟକୁ ଆଦରି ଭଙ୍ଗା ଦଦରା କୁଡ଼ିଆରେ ବିପଦସଙ୍କୁଳ ଅବସ୍ଥାରେ ଜୀବନ ବିତାଉଛନ୍ତି।

# ଉଠା ଜଳସେଚନ ପଏଣ୍ଟ ଅଚଳକୁ ନେଇ ଅସନ୍ତୋଷ

**ଫୁଲବାଣୀ ଅଫିସ, ୧୮।୭**

ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ଆସୁ ନ ଥିବାରୁ କନ୍ଧମାଳ ଜିଲାରେ ବାରମ୍ବାର ଅସନ୍ତୋଷ ସୃଷ୍ଟି ହେଉଛି । ଗ୍ରାମାଞ୍ଚଳରେ ଚାଷୀଙ୍କ ଜମିକୁ ଜଳସେଚିତ କରିବା ପାଇଁ ସରକାର ବ୍ୟାପକ ପରିମାଣର ଅର୍ଥ ଖର୍ଚ୍ଚ କରୁଥିଲେ ହେଁ ତାହା ବାଟମାରଣା ହେଉଛି । ଠିକାଦାର ଏବଂ ବିଭାଗୀୟ ଅଧିକାରୀମାନେ ଅର୍ଥ ଚଳୁ କରୁଥିବାରୁ ପ୍ରକଳ୍ପ ଚାଷୀଙ୍କ କାମରେ ଆସୁନାହିଁ । ଏହାର ପୁଞ୍ଜିଭୂତ ଅସନ୍ତୋଷ ଶୁକ୍ରବାର ଫୁଲବାଣୀରେ ଦେଖିବାକୁ ମିଳିଛି । ଖଜୁରିପଡା ବ୍ଲକ ଦଳପଡା ଗ୍ରାମର ଲୋକେ ଉଠା ଜଳସେଚନ ବିଭାଗ ମୁଖ୍ୟ କାର୍ଯ୍ୟାଳୟକୁ ଆସି ଅଚଳ ପଏଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛନ୍ତି । ଗ୍ରାମରେ ୨୦୧୮ ମସିହାରୁ



ଉଠା ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

ଉଠା ଜଳସେଚନ ବିଭାଗ ଦ୍ୱାରା ଏକ ଜଳ ଯୋଗାଣ ପ୍ରକଳ୍ପ ହୋଇଛି । କିନ୍ତୁ ନିର୍ମାଣ ଦିନଠାରୁ ପ୍ରକଳ୍ପଟି ଅଚଳ ହୋଇ ପଡିରହିଛି । ଏହି ଅଞ୍ଚଳରେ ଚାଷବାସ ପାଇଁ ପାଣିର କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ପ୍ରାୟ ୧୦୦ ହେକ୍ଟର ଜମିରେ ଚାଷ କାମ ହୋଇ ପାରୁ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ ଏବଂ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇଥିଲେ ବି କୌଣସି ଫଳ ମିଳିନାହିଁ । ଆଗକୁ ଚାଷବାସ ସମୟ ଆସୁ ଥିବାରୁ ଏହାର ପ୍ରତିକାର ପାଇଁ ସେମାନେ ଦାବି ଜଣାଇଛନ୍ତି । ଏ ସଂକ୍ରାନ୍ତ ଦାବିପତ୍ର ଫୁଲବାଣୀ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି । ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ରାସ୍ତା ଅବରୋଧ କରିବେ ବୋଲି ଗ୍ରାମର ଶରତ କୁମାର ଜାନୀ, ପଦ୍ମାବତୀ ମଲ୍ଲିକ, ନଳିନୀ ମଲ୍ଲିକ, ମେନକା ଜାନୀ, ଲକ୍ଷ୍ମୀ ମଲ୍ଲିକ, ମଂଜୁଳା ମଲ୍ଲିକ, ଦମୟନ୍ତୀ ଜାନୀ, ସୁଷମା ମଲ୍ଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି। ସମସ୍ୟାର ସମାଧାନ ୩ ଦିନ ମଧ୍ୟରେ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ୩୦ ୟୁନିଟ ରକ୍ତ ସଂଗ୍ରହ

ଆସିକା,୧୮।୭(ଡି.ଏନ୍.ଏ.): ଆସିକା ବ୍ଲକ ମୁନିଗାଡି ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମରେ ରବିବାର ଯୁବ ସଂଗଠନ ଭିଆରଏସ୍ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଭଞ୍ଜନଗର ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସଂଗଠନର ୨ ସଦସ୍ୟ ପ୍ରଶାନ୍ତ କୁମାର ନାୟକ ଓ ସୁଶାନ୍ତ କୁମାର ନାୟକଙ୍କ କରୋନାରେ ମୃତ୍ୟୁ ହୋଇଥିବାରୁ ସେମାନଙ୍କ ସ୍ମୃତିଚାରଣ ପୂର୍ବକ ଏହି ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁନିଗାଡି ସରପଞ୍ଚ ମନୋଜ କୁମାର ପୋଲାଇ, ଯୁବ ରେଡ୍‌କ୍ରସ ଜିଲା ସଂଯୋଜକ ବି. ଗୋବିନ୍ଦ ରାଓ, ଗାଙ୍ଗପୁର ବନପାଳ ଭେଙ୍କଟରାଓ ଦୋରା, ଲୋକନାଥ ମହାନ୍ତି, ସରୋଜ କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

### ବିଶ୍ୱ ହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରିଣୀ ବୈଠକ

ରାୟଗଡ଼ା ଅଫିସ, ୧୮।୭- ରାୟଗଡ଼ା ଜିଲା ବିଶ୍ୱ ହିନ୍ଦୁ ପରିଷଦର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଜିଲା ସଭାପତିଭାବେ ରାଜେନ୍ଦ୍ର ସାହୁଙ୍କୁ ଚୟନ କରାଯାଇଛି। ସେହିପରି ୩ ଜିଲା ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧକ୍ଷ, ବଜରଙ୍ଗ ଦଳ ସଂଯୋଜକ, ମହିଳା ପ୍ରମୁଖ, ସତସଙ୍ଗ ପ୍ରମୁଖ, ସହ ସତସଙ୍ଗ ପ୍ରମୁଖ, ଗୋ ରକ୍ଷା ପ୍ରମୁଖ, ପ୍ରଶାସନିକ ସମନ୍ୱୟ ପ୍ରମୁଖ, ସେବା ପ୍ରମୁଖ, ସେବା ସହ ପ୍ରମୁଖ, ପ୍ରଚାର ପ୍ରସାର ପ୍ରମୁଖ, ଧର୍ମାଚାର୍ଯ୍ୟ ପ୍ରମୁଖ, ଧର୍ମ ପ୍ରସାର ପ୍ରମୁଖ ମାନଙ୍କ ନାମ ଘୋଷଣା କରାଯାଇଛି।

### ମା' କନକଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଜୟପୁର,୧୮।୭ (ନି.ପ୍ର.)- ଜୟପୁର ଭୂପତିସାହିସ୍ଥିତ ମା' କନକଦୁର୍ଗାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏ ନେଇ ଶନିବାର ଭୋରରୁ ମା'ଙ୍କୁ ସୁବାସିତ ଜଳରେ ସ୍ନାନ କରାଯାଇ ଶିଙ୍ଗାର କରାଯାଇଥିଲା। ପରେ ପ୍ରାତଃ ଆଳତି ସହ ବିଭିନ୍ନ ପୂଜାର୍ଚ୍ଚନା ହୋଇଥିଲା। ସନ୍ଧ୍ୟା ଆଳତି ସମୟରେ ଛପନ ପ୍ରକାର ଭୋଗ ଓ ଫଳ ପ୍ରସାଦ ମା'ଙ୍କୁ ଅର୍ପଣ କରି ଶହେ ଆଠ ଆଳତି କରାଯାଇଥିଲା। ଆଳତି ପରେ ମା'ଙ୍କ ଷୋଡ଼ଶ ଉପଚାର, ଚଣ୍ଡୀପାଠ ଯଜ୍ଞ, ଦଶମହାବିଦ୍ୟା, ନବଦୁର୍ଗା, ଦଶଦିଗପାଳ, ନବଗ୍ରହ, ଭୈରବଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ନୀତି ସମ୍ପନ୍ନ ହୋଇଥିଲା। ପଣ୍ଡିତ ଗଣେଶ ମିଶ୍ର ପୌରୋହିତ୍ୟ କରିଥିଲେ। ମନ୍ଦିର କମିଟି, ଦୁର୍ଗା ବିନୋଦ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।

### ଡ୍ରାଇଭରଙ୍କୁ ମାଡ ମାରି ହେଲପର୍ ଫେରାର ବେଳେ ଧରାପଡିଲେ



ମାଲକାନଗିରି, ୧୮।୭ (ଡି.ଏନ.ଏ.)- ମାଲକାନଗିରି ଜିଲା ପଡିଆ ବ୍ଲକ ଉଣ୍ଡୁକୋଣ୍ଡା ପଞ୍ଚାୟତ ଏମ୍‌ପିଭି-୫୧ ଗ୍ରାମରେ ଏକ ମିନି ଟ୍ରକରେ କାର୍ଯ୍ୟରତ ହେଲପରଙ୍କ ଆକ୍ରମଣରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ଆକ୍ରମଣ ପରେ ହେଲପର ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡିଛନ୍ତି। ଖବରରୁ ଜଣାପଡିଛି ଶନିବାର ରାତି ୮ଟାରେ ମିନିଟ୍ରକଟି କୌଣସି କାମରେ ଉଣ୍ଡୁକୋଣ୍ଡା ଗ୍ରାମରୁ ସିମିଳିବାଞ୍ଚା ରାସ୍ତାରେ ଯାଉଥିଲା। ଏମ୍‌ଭି-୫୧ ଗ୍ରାମରେ ପହଞ୍ଚିବା ପରେ କୌଣସି କାରଣକୁ ନେଇ ଟ୍ରକର ଡ୍ରାଇଭର ଓ ହେଲପରଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହେଲପର ଜଣକ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ସେ ଗୁରୁତର ଡ୍ରାଇଭରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏମ୍‌ଭି-୫୧ କେନାଲ ନିକଟରେ ଫିଙ୍ଗି ଦେଇ ଗାଡି ଧରି ପଳାଇବାକୁ ଉଦ୍ୟମ କରୁଥିଲେ। ଏହାକୁ ଗ୍ରାମ ଏମ୍‌ଭି- ୪୮ର କେତେକ ଗ୍ରାମବାସୀ ଦେଖି ମିନି ଟ୍ରକକୁ ଅଟକାଇବା ସହ ହେଲପରକୁ ଅଟକ ରଖିଥିଲେ। ପରେ ଏମ୍‌ଭି- ୪୮ ଓ ଏମ୍‌ଭି- ୫୧ ଗ୍ରାମବାସୀ ଆହତ ଡ୍ରାଇଭରଙ୍କ ସହ ଅଟକ ହେଲପରଙ୍କୁ ଆମ୍ବୁଲାନ୍ସ ଯୋଗେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଥିଲେ।

# ପଞ୍ଚାୟତ ନିର୍ବାଚନ ପାଇଁ ତତ୍ପରତା

ବ୍ରହ୍ମପୁର ଅଫିସ,୧୮।୭

- ଗଞ୍ଜାମରେ ସବୁ ଦଳର ଆନ୍ଦୋଳନ ରାଜନୀତି
- ଜିଲାରେ ୫୦୩ ପଞ୍ଚାୟତ, ବ୍ରହ୍ମପୁରରେ ଗୋଟିଏ ବି ନାହିଁ

୨୦୧୭ରେ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନିର୍ବାଚିତ ଜନପ୍ରତିନିଧିଙ୍କ ୫ ବର୍ଷିଆ କାର୍ଯ୍ୟକାଳ ୨୦୨୨ ଫେବୃୟାରୀରେ ସରିବ। ପୁଣି ନିର୍ବାଚନ କେବେ ହେବ ତାହା ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ ଘୋଷଣା ହୋଇ ନ ଥିଲେ ମଧ୍ୟ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜିଲା ସ୍ତରରେ ଥିବା ଭୋଟ ବାକ୍ସର ତଥ୍ୟ ମଗାଯାଇଥିବାରୁ ନିର୍ବାଚନ ହେବା ସମ୍ଭାବନା ରହିଛି। ତେଣୁ ମୁଖ୍ୟତଃ ଶାସକ ବିଜେଡି ଏବଂ ବିରୋଧୀ କଂଗ୍ରେସ ଓ ଭାଜପା ପକ୍ଷରୁ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି। ଗଞ୍ଜାମରେ ୨୨ ବ୍ଲକ, ୫୦୩ ଗ୍ରାମପଞ୍ଚାୟତ ଓ ୬୯ ଜିଲା ପରିଷଦ ଜୋନ୍ ରହିଛି। ସୀମା ନିର୍ଦ୍ଧାରଣ, ପୁନର୍ଗଠନରେ ପଞ୍ଚାୟତ ସଂଖ୍ୟା ବୃଦ୍ଧି କରା ନ ଯାଇ କେବଳ ଆସନ ସଂରକ୍ଷଣ ପ୍ରକ୍ରିୟା ଉପରେ କମିଶନ ଜୋର ଦେଇଛନ୍ତି। ତେଣୁ ବିଶେଷ ଅସୁବିଧା ନ ହେବା ପ୍ରମୁଖ ଦଳ ଆଶା ରଖିଛନ୍ତି।

ଜିଲାର ୧୩ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୧୨ଟିରେ ବ୍ଲକ, ପଞ୍ଚାୟତ ଓ ଜିଲା ପରିଷଦ ଜୋନ୍ ଅଛି। କେବଳ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଗୋଟିଏ ବି ପଞ୍ଚାୟତ ନ ଥାଇ ମହାନଗର ନିଗମର ସମୁଦାୟ ୪୦ ୱାର୍ଡ ମଧ୍ୟରୁ ୩୫ ୱାର୍ଡକୁ ନେଇ ବିଧାନସଭା କ୍ଷେତ୍ର ଗଠନ ହୋଇଛି। ଅବଶିଷ୍ଟ ୫ ୱାର୍ଡ ଗୋପାଳପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ଅଛି। ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ବିଧାୟକ ଥିବାରୁ ସେଠାରେ ଦଳର ନେତା ଓ କର୍ମୀ ଏବଂ ମନୋନୀତ ପ୍ରତିନିଧି ସବୁ କଥା ବୁଝୁଛନ୍ତି। ସାନଖେମୁଣ୍ଡିରୁ କଂଗ୍ରେସ ବିଧାୟକ ଅଛନ୍ତି। ଆଉ ୧୦ ନିର୍ବାଚନମଣ୍ଡଳୀରେ ନିର୍ବାଚିତ ବିଜେଡି ବିଧାୟିକା ଓ ବିଧାୟକ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ କରି ଦେଇଛନ୍ତି। ଆଦୌ ପଞ୍ଚାୟତ ନ ଥିବାରୁ ବ୍ରହ୍ମପୁର ବିଧାୟକ ଅଚିନ୍ତାରେ ଅଛନ୍ତି।

ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି କଂଗ୍ରେସ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଗତ କିଛିଦିନ ହେବ ଆନ୍ଦୋଳନ ଚାଲିଛି। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଜିଲା କଂଗ୍ରେସ ସଭାପତି ଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ କର୍ମୀମାନେ ଗର୍ଜନ କରୁଛନ୍ତି। ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ଟକ୍କର ଦେବାକୁ ଜେନା ନୂଆ ରଣନୀତି ପ୍ରସ୍ତୁତ କରିଥିବା ଦଳୀୟ କର୍ମୀ କହୁଛନ୍ତି। ସେହିପରି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଏବଂ ଲୋ-ଭୋଲଟେଜ ପ୍ରସଙ୍ଗ ନେଇ ଜିଲାର ବ୍ରହ୍ମପୁର ସମେତ ବିଭିନ୍ନ ସ୍ଥାନରେ ଭାଜପାର ଆନ୍ଦୋଳନ ଚାଲିଛି। ଅପରପକ୍ଷରେ ଚାଷୀଙ୍କ ପ୍ରସଙ୍ଗ ନେଇ ଆସନ୍ତା ୨୦ ତାରିଖରେ ବିଜେଡି ପକ୍ଷରୁ ଏଫ୍‌ସିଆଇ ଅଫିସ ଓ ଗୋଦାମଗୁଡ଼ିକ ଆଗରେ ଆନ୍ଦୋଳନ କରାଯିବାର ଘୋଷଣା ହୋଇଛି। ଜିଲାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସିପିଏମ୍ ଓ ସିପିଆଇର ଭୋଟ ଥିବାରୁ ବାମଦଳ ମଧ୍ୟ ବିଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନ ଜାରି ରଖିଛି। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏହା କରାଯାଉଥିବା ରାଜନୀତି ବିଶ୍ଳେଷକ କହୁଛନ୍ତି। କେବଳ ଜିଲା ପରିଷଦ ନିର୍ବାଚନ ଦଳୀୟ ସଂକେତରେ ହେବାର ବ୍ୟବସ୍ଥା ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ୬୯ ଜୋନ ମଧ୍ୟରୁ ବିଜେଡିରୁ ୬୪, ଭାଜପାରୁ ୪ ଓ ଗୋଟିଏ ଜୋନରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ।

# ପୂଜ୍ୟପୂଜାଙ୍କୁ ଅସମ୍ମାନ: ପ୍ରତିମୂର୍ତ୍ତିରେ ଗାମୁଛା ଗୁଡ଼ାଇଲେ ଦୁର୍ବୃତ୍ତ

ଭଞ୍ଜନଗର,୧୮।୭(ଡି.ଏନ୍.ଏ.)

ଭଞ୍ଜନଗର ବ୍ୟାଙ୍କ ଛକରେ ଥିବା କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ କୌଣସି ଦୁର୍ବୃତ୍ତ ଶନିବାର ରାତିରେ ଗାମୁଛା ଗୁଡ଼ାଇ ତାହାକୁ ବିଦ୍ରୁପ କରିଥିବା ରବିବାର ଦେଖିବାକୁ ମିଳିଥିଲା। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂଜ୍ୟପୂଜା ପ୍ରତି ଏହା ଘୋର ଅପମାନ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି।



କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ଗାମୁଛା ଗୁଡ଼ା ଯାଇଛି।

# ଗ୍ୟାସ୍ ଲିକ୍‌ରୁ ଜଳିଗଲା ହୋଟେଲ

ଦୁର୍ଗୀ,୧୮।୭

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଦୁର୍ଗୀ ହସ୍ପିଟାଲ ଛକ ନିକଟସ୍ଥ ଏକ ଫାଷ୍ଟଫୁଡ୍ ହୋଟେଲରେ ଶନିବାର ରାତିରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ସୂଚନା ଅନୁଯାୟୀ, ହୋଟେଲ ମାଲିକ ଅମି ତ୍ରିନାଥ ରାତି ସାଢ଼େ ୯ଟାବେଳେ ଗ୍ୟାସ ଚୁଲାରେ ଫାଷ୍ଟଫୁଡ୍ ପ୍ରସ୍ତୁତ କରୁଥିଲେ। ଏହି ସମୟରେ କୌଣସି କାରଣରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ହୋଟେଲ ମାଲିକ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ବିଷମକଟକରୁ ଦମକଳ ବାହିନୀ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ସମ୍ପୂର୍ଣ୍ଣ ଦୋକାନ ଜଳିଯାଇଥିଲା। ଏଥିରେ



ଜଳିଯାଇଥିବା ହୋଟେଲ ।

୬୦ରୁ ୭୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ହୋଟେଲ ମାଲିକ କହିଛନ୍ତି। ଏଥିସହ ସହକାରୀ ସହାୟତା ନିମନ୍ତେ ସେ ଅନୁରୋଧ କରିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବୁଗୁଡ଼ା,୧୮।୭(ଡି.ଏନ.ଏ)

ବୁଗୁଡ଼ା ଥାନା ବଣପଲ୍ଲୀଠାରେ ବାଇକ୍ ଦୁର୍ଘଟଣାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଣପଲ୍ଲୀ ଗ୍ରାମର ଅଶୋକ ଗୌଡ଼ (୪୫ )। ଅଶୋକ ଶୌଚ ହେବା ପାଇଁ ସନ୍ଧ୍ୟାରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ବେଲଗୁଣ୍ଠା ପଟୁ ଆସୁଥିବା ଅନ୍ୟ ଏକ ବାଇକ୍ ଅଶୋକଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ଭଞ୍ଜନଗର ମେଡିକାଲ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବାଲିପଦର ଫାଣ୍ଡି ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ଚାଳକଙ୍କୁ ଅଟକ ରଖିଛି।

# ସ୍କୁଲ ଖୋଲିବା ପଦକ୍ଷେପକୁ ସ୍ୱାଗତ

ଜି.ଉଦୟଗିରି,୧୮।୭(ଡି.ଏନ.ଏ.)

- ଅନଲାଇନ କ୍ଲାସ୍‌ରେ ଉପକୃତ ହେଉଥିଲେ ୧୦%
- ଗୁରୁତ୍ୱପୂର୍ଣ୍ଣ ଶ୍ରେଣୀ ପାଠପଢ଼ା

କରୋନା ମହାମାରୀ ପାଇଁ ସରକାର ସ୍କୁଲ ବନ୍ଦ କରି ଅନଲାଇନ୍ କ୍ଲାସ ବ୍ୟବସ୍ଥା କରିଛନ୍ତି। କିନ୍ତୁ କନ୍ଧମାଳ ଜିଲା ଭଳି ଆଦିବାସୀ ଅଧ୍ୟୁଷିତ ଜିଲାରେ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଛି। କାରଣ ଜିଲାର ସହରାଞ୍ଚଳକୁ ଛାଡିଦେଲେ ଗ୍ରାମାଞ୍ଚଳରେ ନେଟୱର୍କ ନଥିବା ବେଳେ କେତେକ ପିଲାଙ୍କ ପାଖରେ ଫୋନ୍ ନାହିଁ। ୧୦ ପ୍ରତିଶତ ସହରାଞ୍ଚଳ ପିଲା ଏହି ଅନଲାଇନ୍‌ରେ ଉପକୃତ ହେଉଥିବା ବେଳେ ବାକି ୯୦ ପ୍ରତିଶତ ପିଲା ଶିକ୍ଷାରୁ ବଞ୍ଚିତ ରହୁଥିଲେ। ଏହାକୁ ନେଇ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ସମସ୍ତେ ଚିନ୍ତିତ ଥିଲେ। ଏବେ ସ୍କୁଲ ଖୋଲିବା ପଦକ୍ଷେପକୁ ଶିକ୍ଷକ, ଅଭିଭାବକ, ଛାତ୍ରୀଛାତ୍ର ସବୁ ମହଲରେ ସ୍ୱାଗତ କରାଯାଇଛି। ଏଥିରେ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ରମାନେ ମଧ୍ୟ ଉପକୃତ ହୋଇପାରିବେ। କନ୍ଧମାଳ ଭଳି ଜିଲାରେ ଶିକ୍ଷାଦାନର ବିକଳ୍ପ ଅନଲାଇନ୍ କ୍ଲାସ ହୋଇନପାରେ ଯେଉଁଠି ଭିତ୍ତିଭୂମି ନାହିଁ। ଜିଲାରେ ଭବିଷ୍ୟତରେ ଶ୍ରେଣୀ ଶିକ୍ଷା ଦାନର ବିକଳ୍ପରେ ଅନଲାଇନ୍ ଶିକ୍ଷା ଦାନ ଲଦିଦେବା ପୂର୍ବରୁ ଭିତ୍ତିଭୂମି ଏବେଠାରୁ ସଜାଡି ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ଅଭିବାବକ ମାନେ କହିଛନ୍ତି।

# ନିଲାମ ହେଉନି ଦୈନିକ ବଜାର, ରାଜସ୍ୱ ହରାଉଛି ପଞ୍ଚାୟତ

ମୁନିଗୁଡା, ୧୮।୭(ଡି.ଏନ୍.ଏ.)

ମୁନିଗୁଡ଼ା ଦୈନିକ ବଜାର ନିଲାମ ହୋଇ ନ ଥିବାରୁ ଗ୍ରାମପଞ୍ଚାୟତ ପ୍ରାୟ ୧ ଲକ୍ଷ ଟଙ୍କା ରାଜସ୍ୱ ହରାଇଛି। ଏହି ଦୈନିକ ବଜାର ଗତ ବର୍ଷ ୧ଲକ୍ଷ ଟଙ୍କାରେ ନିଲାମ ହୋଇ ଥିଲା। ମାର୍ଚ୍ଚ ମାସରୁ ଏହାର ଅବଧି ସରିଯାଇଛି। ନିଲାମ ପ୍ରକ୍ରିୟାରୁ ପଞ୍ଚାୟତ ପାଉ ଥିବା ଅର୍ଥକୁ ଗ୍ରାମରେ ବିଦ୍ୟୁତ୍ ଓ ସଫେଇ କାର୍ଯ୍ୟରେ ଲଗାଇ ଥାଏ। ରାୟଗଡ଼ା ଜିଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ଦାବି ହୋଇଛି।

### ନବଜାତ ଶିଶୁ ଯତ୍ନ ନେଇ ସ୍ୱତନ୍ତ୍ର କକ୍ଷ ଖୋଲିବାକୁ ଟିମ୍‌ର ଗସ୍ତ

ଚିତ୍ରକୋଣ୍ଡା,୧୮।୭(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ନବଜାତ ଶିଶୁମାନଙ୍କ ଯତ୍ନ ନିମନ୍ତେ ସ୍ୱତନ୍ତ୍ର କକ୍ଷ ଖୋଲିବା ପାଇଁ ସରକାର ଅନୁମୋଦନ ଦେଇଛନ୍ତି। ରବିବାର ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଏକ ରାଜ୍ୟସ୍ତରୀୟ ଟିମ ଗସ୍ତ କରିଥିଲେ। ଉକ୍ତ ଟିମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଆଦିତ୍ୟ ମହାପାତ୍ର, କୋରାପୁଟ ମେଡିକାଲ କଲେଜର ଆରଆରସି ପ୍ରଫେସର ରୀତାଞ୍ଜଳି ମିଶ୍ର, ଶିଶୁରୋଗ ବିଶେଷଜ୍ଞ ଏଚଓଡି ପ୍ରଫେସର ଅରକ୍ଷିତ ସ୍ୱାଇଁ, ପ୍ରଫେସର ପ୍ରଦୀପ ଜେନା, ସହକାରୀ ଶିଶୁରୋଗ ବିଶେଷଜ୍ଞ ଶିବ ଶଙ୍କର ଓ ସନ୍ଦୀପ ତ୍ରିପାଠୀ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଳୟ ପରିଦର୍ଶନ କରିଥିଲେ । ଚିକିତ୍ସାଳୟରେ ରୋଗୀମାନଙ୍କ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ସହ ଟିମ୍ ସମସ୍ତ କକ୍ଷ ବୁଲି ଦେଖିଥିଲେ। ଚିକିତ୍ସାଳୟର ଅଧକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଓ ଏମଆଇସି ରାଜେନ୍ଦ୍ର ଦାଶ ଟିମ୍‌କୁ ସହଯୋଗ କରିଥିଲେ। ଟିମ୍ ଗସ୍ତ ଯୋଗୁ ଖୁବ ଶୀଘ୍ର ଉପଖଣ୍ଡ ଚିକିତ୍ସାଳୟରେ ନବଜାତ ଶିଶୁ ମାନଙ୍କ ଯତ୍ନ ଲାଗି ଏକ ସ୍ୱତନ୍ତ୍ର କକ୍ଷ ଖୋଲିବା ଆଶା ଉଜ୍ଜଳ ହୋଇଛି।

# ସ୍ତ୍ରୀଙ୍କ ସହ ଅନୈତିକ ସମ୍ପର୍କ ସନ୍ଦେହରେ ଯୁବକଙ୍କୁ ହତ୍ୟା

ରାୟଗଡ଼ା ଅଫିସ,୧୮।୭

**ଆତ୍ମସମର୍ପଣ କଲେ ଅଭିଯୁକ୍ତ**

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଗୁରୁମଗୁଡ଼ା ଗ୍ରାମ ଜଙ୍ଗଲରୁ ଜଣେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଶନିବାର ଜବତ ହୋଇଛି। ସେ ହେଲେ ଗ୍ରାମର ମେଲେକା ସୁରେଶ(୨୩)। ତାଙ୍କୁ ହତ୍ୟା କରିଥିବା ନେଇ ରବିବାର ସେହି ଗାଁର ସିରିପିଲି ନାଗା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସ୍ତ୍ରୀଙ୍କ ସହ ସୁରେଶଙ୍କ ଅନୈତିକ ସମ୍ପର୍କ ଥିବାରୁ ତାଙ୍କୁ ହତ୍ୟା କରିଛି ବୋଲି ଅଭିଯୁକ୍ତ ସ୍ୱୀକାର କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୭ ତାରିଖ ଦିନ ସୁରେଶ କୌଣସି କାମରେ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ତାଙ୍କୁ ନ ପାଇବାରୁ ନିଖୋଜ ନେଇ ଚାନ୍ଦିଲି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ ଚଳାଇଥିଲା। ଗାଁ ନିକଟ ଜଙ୍ଗଲରେ ଏକ ମୃତଦେହ ପଡ଼ିଥିବା ଖବର ପାଇ ଶନିବାର ସାଇଣ୍ଟିଫିକ୍ ଟିମ୍, ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ, ଚାନ୍ଦିଲି ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍‌କା, ମାଜିଷ୍ଟ୍ରେଟଭାବେ ଅତିରିକ୍ତ ତହସିଲଦାର ସୁନୀଲ ଖରା ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ସେଠାରୁ ସୁରେଶଙ୍କ ଗଳିତ ମୃତଦେହ ସହ କିରୋସିନି ଡବା ଏବଂ ପୋଷାକ ଜବତ କରିଥିଲେ। ଘଟଣା ନେଇ ଅଧିକ ତଦନ୍ତ ଚାଲିଥିବାବେଳେ ରବିବାର ସିରିପିଲି ଚାନ୍ଦିଲି ଥାନାରେ ଆତ୍ମସମର୍ପଣ କରିଥିଲେ। ସ୍ତ୍ରୀଙ୍କ ସହ ସୁରେଶଙ୍କ ଅନୈତିକ ସମ୍ପର୍କ ରହିଥିବା ସିରିପିଲି ସନ୍ଦେହ କରୁଥିଲେ। ଏହାକୁ ନେଇ ତାଙ୍କର ସ୍ତ୍ରୀଙ୍କ ସହ ଅନେକ ସମୟରେ ଝଗଡ଼ା ହେଉଥିଲା। ତେବେ ସୁରେଶଙ୍କ ସହ ସମ୍ପର୍କ ରହିଥିବା ନିଜ ଆଖିରେ ଦେଖିବା ପରେ ପ୍ରତିଶୋଧ ପରାୟଣ ହୋଇ ହତ୍ୟା କରିଥିବା ସିରିପିଲି ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଯୋଜନା ମୁତାବକ ୭ ତାରିଖ ଦିନ ମଦ ପିଇବାକୁ ଡାକି ସୁରେଶଙ୍କୁ କାଠଫାଳିଆରେ ପିଟିପିଟି ହତ୍ୟା କରିଥିଲେ। ପରେ ତାଙ୍କ ମୃତଦେହ ଜଙ୍ଗଲକୁ ନେଇ କିରୋସିନି ପକାଇ ପୋଡ଼ିଦେଇଥିବା ସିରିପିଲି ସ୍ୱୀକାର କରିଛନ୍ତି।

# ଆପୋସ ବୁଝାମଣା ପରେ ସମାଧାନ

ଉମରକୋଟ, ୧୮।୭(ସ୍ୱ.ପ୍ର.)

**କ୍ରୀଡ଼ାମନ୍ତ୍ରୀଙ୍କ ଗସ୍ତକୁ ବିରୋଧ ଘଟଣା**

- ଦୁଇ ପକ୍ଷଙ୍କୁ ଡକାଯାଇ ବୁଝାଇଲା ପୋଲିସ
- ପ୍ରଶାସନ ହସ୍ତକ୍ଷେପ ପରେ ଧାରଣାରୁ ହଟିଲେ ବିଧାୟକ

ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଗସ୍ତକୁ ବିରୋଧ କରି ଧାରଣା ଦେଇଥିବା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶନିବାର ବିଳମ୍ବିତ ରାତିରେ ଆନ୍ଦୋଳନରୁ ହଟିଥିଲେ। ଏହି ଘଟଣାରେ ଉଭୟ ଭାଜପା ଓ ବିଜେଡି ପରସ୍ପରଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ରାଇଘରରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଛି। ଉଭୟ ପକ୍ଷ ଲୋକଙ୍କୁ ଡକାଯାଇ ଘଟଣାର ସମାଧାନ କରାଯାଇଛି।

ସୂଚନା ଅନୁଯାୟୀ, ବିଜୁ ଜନତା ଦଳର ନୂତନ ପର୍ଯ୍ୟବେକ୍ଷକ ତଥା କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉମରକୋଟ ଗସ୍ତ ସମୟରେ ଶନିବାର କେତେଜଣ ଭାଜପା କର୍ମୀ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ। ଦୁଇ ଦଳର କର୍ମୀମାନେ ଧସ୍ତାଧସ୍ତି ହୋଇଥିଲେ। ଉମରକୋଟର ୩ ଭାଜପା କର୍ମୀଙ୍କୁ ଥାନାରେ ଅଟକ ରଖା ଯାଇଥିଲା। ବିଜେଡିର କୈଳାସ ନାୟକ ଉକ୍ତ ତିନିଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ। ନଂ.୨୭୫/୨୧ରେ କେସ୍ ରୁଜୁ ହୋଇଥିଲା। ଅନ୍ୟପଟେ ଭାଜପାର ରମେଶ ଚନ୍ଦ୍ର ଦାସ ବିଜେଡିର ୪ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ନଂ. ୨୭୭/୨୧ରେ ମାମଲା ରୁଜୁ କରାଯାଇଛି। ଭାଜପା କର୍ମକର୍ତ୍ତାଙ୍କୁ ନିଃସର୍ତ୍ତରେ ଛଡାଯାଉ ବୋଲି ଶନିବାର ସନ୍ଧ୍ୟାରେ ବିଧାୟକ ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଉମରକୋଟ ପ୍ରଶାସନ ବୁଝାଶୁଝା କରିବା ପରେ ରାତି ୧୦.୩୦ରେ ସେ ଧାରଣାରୁ ଉଠିଥିଲେ। ରବିବାର ଉଭୟ ପକ୍ଷର କର୍ମୀଙ୍କୁ ଥାନାରେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ସେଠାରେ ଆଲୋଚନା ପରେ ବ୍ୟକ୍ତିଗତ ମୁଚାଲିକାରେ ସମସ୍ତଙ୍କୁ ଛଡ଼ାଯାଇଛି। ସେହିଭଳି କଳାପତାକା ଦେଖାଇବା ଅଭିଯୋଗରେ ରାଇଘର ଥାନାରେ ଭାଜପାର ୨ଜଣଙ୍କୁ ଅଟକ ରଖାଯାଇଥିଲା। ସେହି ଦୁଇଜଣଙ୍କ ବିରୋଧରେ ବିଜେଡ କର୍ମୀମାନେ ରାଇଘର ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷେ ବିଜେଡିର ଦୁଇ ଜଣଙ୍କ ବିରୋଧରେ ଭାଜପା କର୍ମୀମାନେ ମଧ୍ୟ ରାଇଘର ଥାନାରେ ଅଭିଯୋଗ କରିଥିଲେ। ୧୩୨/୨୧, ୧୩୩/୨୧, ୧୩୪/୨୧, ୧୩୫/୨୧ରେ ପୋଲିସ ମାମଲା ରୁଜୁକରି ଉଭୟ ପକ୍ଷଙ୍କୁ ବ୍ୟକ୍ତିଗତ ଉପସ୍ଥିତ ରହିବାକୁ ପୋଲିସ କହିଥିଲା। ବ୍ୟକ୍ତିଗତ ମୁଚାଲିକାରେ ଥାନାରୁ ସେମାନଙ୍କୁ ଛଡ଼ାଯାଇଥିଲା।

# ଚାଷୀଙ୍କୁ ଦିଆଗଲା ଚାରା ପ୍ରସ୍ତୁତି ତାଲିମ



କାର୍ଯ୍ୟକ୍ରମରେ ମହିଳା, ଚାଷୀଙ୍କୁ ତାଲିମ ଦିଆଯାଉଛି।

ନବରଙ୍ଗପୁର,୧୮।୭(ବି.ପ୍ର.)

କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡାରେ ଉନ୍ନତ କିସମର ଫଳ, ପନିପରିବା, ଫୁଲ ଚାରା ପ୍ରସ୍ତୁତ ତାଲିମ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପ ମାଧ୍ୟମରେ ଜିଲାର ବିକାଶ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ବୈଜ୍ଞାନିକ ପଦ୍ଧତିରେ ନୂତନ ଆମ୍ବ ,ପଣସ , ପିଜୁଳି,ସପୁରି ଚାରା ପ୍ରସ୍ତୁତ ତାଲିମ ପ୍ରଦାନ କରାଯାଇଥିଲା।

# ଟଙ୍କା ନେଇ ଠକିଦେଲେ ବ୍ୟବସାୟୀ

ନବରଙ୍ଗପୁର/ଉମରକୋଟ, ୧୮।୭(ବି.ପ୍ର./ସ୍ୱ.ପ୍ର.)

- ଆବାସ ଯୋଜନା ଟଙ୍କା ନେଇ ଘର ତିଆରି କରି ନ ଥିବା ଅଭିଯୋଗ
- ଥାନାର ଦ୍ୱାରସ୍ଥ ହେଲେ ହିତାଧିକାରୀ
- ପୂର୍ବରୁ ବ୍ୟବସାୟୀଙ୍କ ନାମରେ ରହିଛି ଏକାଧିକ ମାମଲା

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା କରିଥିବା ନେଇ ପୁଣି ବ୍ୟବସାୟୀ ସଞ୍ଜୀବ ସୁବୁଦ୍ଧିଙ୍କ ନାମରେ ଅଭିଯୋଗ ଆସିଛି। ଏଥର ଅଭିଯୋଗ ଉମରକୋଟ ବ୍ଲକ ତୋହରା ପଞ୍ଚାୟତ କିରାପାଣି ଗ୍ରାମବାସୀ କରିଛନ୍ତି। ହିତାଧିକାରୀମାନେ ଉମରକୋଟ ଥାନାରେ ସଞ୍ଜୀବଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।



ଏତଲା ଦେବାକୁ ଆସିଥିବା ହିତାଧିକାରୀମାନେ।

୨୦୧୭-୧୮ ଆର୍ଥିକ ବର୍ଷରେ ଗାଁର ରାମ୍ଭବତୀ ମାଝି, ହୀରାସିଂ ମାଝି, ଲାଲ ମାଝି, ସାଧୁ ମାଝି, ପ୍ରହ୍ଲାଦ ମାଝି, ଫୁଲଚନ୍ଦ ମାଝି, କମଳା ମାଝି, ରମେ ମାଝି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିଲେ। ସେମାନଙ୍କର ପକ୍କା ଘର ତିଆରି କରିବାରେ ବିଶେଷ ଧାରଣା ନ ଥିଲା। ଏହି ସମୟରେ ଉମରକୋଟ ନିବାସୀ ସଞ୍ଜୀବ ସୁବୁଦ୍ଧି ଘର ଜଲଦି ସାରିଦେବି ବୋଲି ହିତାଧିକାରୀମାନଙ୍କୁ କହିଥିଲେ। ତାଙ୍କ କଥାରେ ରାଜି ହୋଇଥିଲୁ ବୋଲି ହିତାଧିକାରୀମାନେ କହିଛନ୍ତି। ଘର କାମ ଆରମ୍ଭ କରିବା ପାଇଁ ପ୍ରଥମ କିସ୍ତିରେ ସରକାର ୨୦ ହଜାର ଟଙ୍କା ଦେଇଥିଲେ। ସେହି ଟଙ୍କାରେ କାମ ଆରମ୍ଭ ହୋଇଥିଲା। ଦ୍ୱିତୀୟ କିସ୍ତିର ୩୫ହଜାର ଟଙ୍କା ଆସିବାରୁ ସଞ୍ଜୀବ ବ୍ୟାଙ୍କକୁ ଡାକି ଟଙ୍କା ଉଠାଣ ଫର୍ମରେ ଟିପ ମାରିବାକୁ କହି ସବୁତକ ଟଙ୍କା ନେଇଗଲେ। ଅନେକ ଦିନ ଅପେକ୍ଷା କରିବାପରେ ତାଙ୍କ ନିକଟକୁ ଯାଇ ଘର ଶେଷ କରିବାକୁ କହିଥିଲୁ। କିନ୍ତୁ ସଞ୍ଜୀବ ସୁବୁଦ୍ଧି ଆମକୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳି ଗୁଲଜ ସହ ଜାତିଆଣ ଆକ୍ଷେପ କରି ଖରାପ ବ୍ୟବହାର କରିଥିଲେ। ଏପରିକି ଜୀବନରେ ମାରିଦେବୁ ବୋଲି ଆମକୁ ଧମକ ମଧ୍ୟ ଦେଇଥିଲେ ବୋଲି ହିତାଧିକାରୀମାନେ କହିଛନ୍ତି। ଜୀବନକୁ ବିପଦ ଥିବାରୁ ଆମେ ଥାନାରେ ଏତଲା ଦେଲୁ ବୋଲି ସେମାନେ କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ଉମରକୋଟ ପୋଲିସ କେସ୍ ନଂ. ୨୬୫/୨୧, ୨୬୬/୨୧, ୨୬୭/୨୧,୨୬୮/୨୧, ୨୬୯/୨୧, ୨୭୦/୨୧,୨୭୧/୨୧ ଓ ୨୭୨/୨୧ରେ ବ୍ୟବସାୟୀ ସଞ୍ଜୀବଙ୍କ ନାମରେ ମାମଲା ରୁଜୁ କରିଛି। ପୂର୍ବରୁ ୫ଟି କେସ୍‌ରେ ସଞ୍ଜୀବ ବର୍ତ୍ତମାନ ଉମରକୋଟ ଜେଲରେ ଅଛନ୍ତି। ଉମରକୋଟ ଏସ୍‌ଡିପିଓ ଡ.ଦିନେଶ ଚନ୍ଦ୍ର ନାୟକ ତଦନ୍ତ ଦାୟିତ୍ୱ ନେଇଛନ୍ତି। ଘଟଣାର ତଦନ୍ତ ଚାଲିଛି।

